

ତାଳଚେରସ୍ଥିତ ଭରତପୁର କୋଇଲାଖଣି ସାଇଲୋ, ସିଏଚ୍‌ପି ଏବଂ ଆର୍‌ଏଲ୍‌ଏସ୍‌ର ଘରୋଇକରଣ ପ୍ରତିବାଦରେ ୪ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ।

# ସ୍ତ୍ରୀଙ୍କୁ ବଞ୍ଚାଇବାକୁ ଭାଲୁ ସଙ୍ଗେ ଲଢ଼ିଲେ

**ଅନୁଗୋଳ ଅଫିସ,୧୮।୭**

ସ୍ତ୍ରୀଙ୍କ ଜୀବନ ରକ୍ଷା କରିବାକୁ ଭାଲୁ ସହ ଲଢ଼େଇ କରିଛନ୍ତି ସ୍ୱାମୀ। ଏଥିରେ ସ୍ୱାମୀ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। ସୋମବାର ଭୋର ସମୟରେ ଅନୁଗୋଳ ଜିଲା ଗୋପାଳପ୍ରସାଦ ଫାଣ୍ଡି ଅନ୍ତର୍ଗତ କୁମୁଣ୍ଡା ଗାଁରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, କୁମୁଣ୍ଡା ଗ୍ରାମର ଜାନକୀ ସାହୁ ଭୋର୍ ସମୟରେ ଘର ପାଖ ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ମା' ଓ ୨ଟି ଛୁଆ ଭାଲୁ ଜାନକୀଙ୍କ ଉପରକୁ କୁଦି ପଡ଼ିଥିଲେ। ହଠାତ୍ ୩ଟି ଭାଲୁଙ୍କୁ ଦେଖି ଜାନକୀ ଭୟଭୀତ ହୋଇପଡ଼ିଥିଲେ। ଜୀବନ ବଞ୍ଚାଇବାକୁ ସେ ଚିତ୍କାର କରିଥିଲେ। ସ୍ତ୍ରୀଙ୍କ ଚିତ୍କାର ଶୁଣି ସ୍ୱାମୀ ପହଲି ସାହୁ ଜଙ୍ଗଲକୁ ଦୌଡ଼ି ଯାଇଥିଲେ। ଭାଲୁ ତାଙ୍କୁ ଆକ୍ରମଣ କରିଥିଲେ ମଧ୍ୟ ପହଲି ଭୟଭୀତ ନ ହୋଇ ସ୍ତ୍ରୀଙ୍କୁ ବଞ୍ଚାଇବାକୁ କିଛି ସମୟ ଲଢ଼େଇ କରିଥିଲେ। ଉଭୟଙ୍କ ପାଟି ଶୁଣି ୩ଭାଲୁ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଆହତ ପହଲି ଗୁରୁତର ଅବସ୍ଥାରେ ସ୍ତ୍ରୀଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି। ତେବେ ଖବର ଲେଖାହେବା ବେଳକୁ ବନ ବିଭାଗର କୌଣସି ଅଧିକାରୀ ମେଡିକାଲରେ ପହଞ୍ଚି ନ ଥିବା ସୂଚନା ମିଳିଛି।



ଭାଲୁ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜାନକୀ ସାହୁ।

## ଶୋଭାଯାତ୍ରା, ଦାବିପତ୍ର ପ୍ରଦାନ

**ତାଳଚେର,୧୮।୭(ନି.ପ୍ର.)**

ତାଳଚେରସ୍ଥିତ ଏମ୍‌ସିଏଲ୍ ଭରତପୁର କୋଇଲାଖଣି ସାଇଲୋ, ସିଏଚ୍‌ପି ଏବଂ ଆର୍‌ଏଲ୍‌ଏସ୍‌କୁ ଘରୋଇକରଣ, ଅନ୍ୟାନ୍ୟ କୋଇଲା ଖଣିରେ ଘରୋଇକରଣ କାର୍ଯ୍ୟର ପ୍ରତିବାଦ ଓ ଖଣି ଶ୍ରମିକମାନଙ୍କ ୧୬ ଦଫା ସମ୍ବଳିତ ଦାବି ନେଇ ୪ଟି ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ଏକ ବିରାଟ ମୋଟରସାଇକେଲ ଶୋଭାଯାତ୍ରା କରାଯାଇଥିଲା। ଏଆଇଟିୟୁସି, ବିଏମ୍‌ଏସ୍, ଏଚ୍‌ଏମ୍‌ଏସ୍, ଆଇଏନ୍‌ଟିୟୁସି ସଙ୍ଗଠନର ହଜାର ହଜାର ଖଣି ଶ୍ରମିକ ଶୋଭାଯାତ୍ରାରେ ସ୍ଥାନୀୟ ଦେଉଳବେଡା ଦୁର୍ଗା ମଣ୍ଡପଠାରୁ ବାହାରି ହାଟତୋଟା, ଶର୍ମାଛକ, ହାଣ୍ଡିଧୂଆ, ଡେରା, ବଳଣ୍ଡା, ଭରତପୁର କୋଲିୟରୀ, ଜାମୁବାହାଳୀ ଛକ, ଉଅଁରା, କଳମଛୁଇଁ ପରିକ୍ରମା କରି ହିଙ୍ଗୁଳା ମନ୍ଦିରଠାରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ କୋଇଲାଖଣିରେ ସକ୍ରିୟ ବିଭିନ୍ନ ଶ୍ରମିକ ସଙ୍ଗଠନର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାରେ ଏମ୍‌ସିଏଲ୍‌ର ବିଭିନ୍ନ ମହାପ୍ରବନ୍ଧକଙ୍କ ସମେତ ଶେଷରେ ଭରତପୁର ମହାପ୍ରବନ୍ଧକଙ୍କୁ ଶ୍ରମିକ ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଆଇଏନ୍‌ଟିୟୁସିର ସୌଭାଗ୍ୟ ପ୍ରଧାନ,ଏଚ୍‌ଏମ୍‌ଏସ୍‌ର ଶଙ୍କର ପ୍ରସାଦ ବେହେରା, ବିଏମ୍‌ଏସ୍‌ର ସଞ୍ଜୟ ମାଝି, ଅରୁଣ ପ୍ରଧାନ, ଏଆଇଟୁୟୁସିର ସୁରେନ୍ଦ୍ର ଶର୍ମା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲା ବେଳେ ଭରତପୁର କୋଲିୟରୀର ବାବୁଲାଲ ଖଣ୍ଡୁଆଳ, ଛବିନ୍ଦ୍ର ଖିଲାର, ଶମ୍ଭୁନାଥ ନାହାକ, ତ୍ରିବେଣୀ ସାହୁ ଏବଂ ଅନ୍ୟ କୋଇଲା ଖଣି ସଭାପତି ଓ ସମ୍ପାଦକମାନେ ଏହାକୁ ପରିଚାଳନା କରିଥିଲେ।

# ସ୍ଥିରତା ପାଇଁ ଫେରୁ 'ସବୁଜ ପତ୍ରିକା'

**ଆଠମଲ୍ଲିକ,୧୮।୭(ଡି.ଏନ.ଏ.)**

ଜନସଂଖ୍ୟାରେ ଦେଖାଦେଲାଣି ବିସ୍ଫୋରକ ପରିସ୍ଥିତି। ଖୁବ୍‌ଶୀଘ୍ର ଭାରତ ବିଶ୍ୱ ଜନସଂଖ୍ୟା ବହୁଳ ଦେଶ ତାଲିକାର ଶୀର୍ଷ ସ୍ଥାନକୁ ଯିବ। ଏହାର ପ୍ରତିକୂଳ ପ୍ରଭାବକୁ ନେଇ ଏବେ ତଥ୍ୟାଭିଜ୍ଞମହଲରେ ଚିନ୍ତାର ରେଖା ଦେଖାଦେଇଛି। ହୁ ହୁ ହୋଇ ବଢୁଥିବା ଦେଶର ଜନସଂଖ୍ୟାରେ ସ୍ଥିରତା ଆଣିବାକୁ ଏବେ କେବଳ ସଚେତନତାକୁ ମୁଖ୍ୟ ମାଧ୍ୟମ କରାଯାଉଛି। ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ସଚେତନତା ରଥ ପରିକ୍ରମା ମାଧ୍ୟମରେ ଲୋକଙ୍କ ମଧ୍ୟରେ ଚେତନା ଉଦୟର ଉଦ୍ୟମ କରାଯାଉଛି। କିନ୍ତୁ ପରିବାର ନିୟୋଜନ ଯୋଜନା ଉପରେ ପୂର୍ବପରି ଅଧିକ ଗୁରୁତ୍ୱ ଦିଆଯାଉ ନାହିଁ। ବିଶେଷକରି ଏହାକୁ ପ୍ରୋତ୍ସାହନ ଦେଉଥିବା 'ସବୁଜ ପତ୍ରକା' (ଗ୍ରୀନ୍ କାର୍ଡ) କଥା ପୁନଃ ଚିନ୍ତା କରାଯାଉ ନାହିଁ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରଦତ୍ତ ଏହି ପତ୍ରିକାରେ ଥିବା ସରକାରୀ ସୁବିଧା ସୁଯୋଗ ଅତୀତରେ ଅନେକ ୨ ସନ୍ତାନ ଥିବା ଦମ୍ପତିଙ୍କୁ ଆକର୍ଷିତ କରିଥିଲା। 'ଛୋଟ ପରିବାର ସୁଖୀ ପରିବାର'ର ମୂଲ୍ୟ ସେମାନଙ୍କୁ ମିଳୁଥିଲା। ହେଲେ ୨୦୧୧ରୁ ଏହା ବନ୍ଦ ହୋଇଯାଇଥିବା ବେଳେ ଏବେ ବି ବହୁ ପତ୍ରିକାଧାରୀ ପରିବାର ଉପକୃତ ହେବାରୁ ବଞ୍ଚିତ ରହିଛନ୍ତି। ଘରଡିହ ପାଇଁ ସରକାର ଭୂମି ଦେଇଥିଲେ ବି ୧୧ ବର୍ଷ ହେଲା ତାହାକୁ ଚିହ୍ନଟ ଦିଆଯାଉ ନାହିଁ। ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଥିବା ଏମିତି ଅନେକ ପତ୍ରିକାଧାରୀ ଦମ୍ପତି ଏ ନେଇ ଅଭିଯୋଗ କରିବା ସହ ଜନସଂଖ୍ୟାରେ ସ୍ଥିରତା ରକ୍ଷା ନିମନ୍ତେ ବନ୍ଦ ହୋଇଯାଇଥିବା ସବୁଜ ପତ୍ରିକାକୁ ପୁଣି ଫେରାଇ ଆଣିବାକୁ ଦାବି କରିଛନ୍ତି।




- ପରିବାର ନିୟୋଜନକୁ ପୁନଃ ପ୍ରୋତ୍ସାହନ ଦିଆଯାଉ
- ଏଯାଏ ଉପକୃତ ହୋଇନାହାନ୍ତି ଆଠମଲ୍ଲିକର ଅନେକ ପତ୍ରିକାଧାରୀ
- ୧୧ ବର୍ଷ ପରେ ମଧ୍ୟ ଚିହ୍ନଟ ଦିଆଯାଇନି ମିଳିଥିବା ସରକାରୀ ଭୂମି

ପ୍ରତିବର୍ଷ ଜୁଲାଇ ୧୧ରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ କରାଯାଉଛି। ଚଳିତବର୍ଷ ମଧ୍ୟ ଅନୁଗୋଳ ଜିଲାରେ ଏହାର ଆୟୋଜନ କରାଯାଇଥିଲା। ଜନସଂଖ୍ୟା ନିୟନ୍ତ୍ରଣର ଲାଭ ବିଷୟରେ ଜିଲାବାସୀଙ୍କୁ ଅବଗତ କରିବାକୁ ସ୍ୱତନ୍ତ୍ର ରଥର ଶୁଭାରମ୍ଭ କରାଯାଇଥିଲା। ଆସନ୍ତା ୨୪ ତାରିଖ ଯାଏ ଏହି ରଥଗୁଡ଼ିକ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ସଚେତନ କରୁଛି। ଆଠମଲ୍ଲିକ ଉପଖଣ୍ଡରେ ମଧ୍ୟ ପ୍ରଶାସନ ସଚେତନତା ରଥ ବୁଲାଇଛି। କିନ୍ତୁ ଯେଉଁ ପରିବାରମାନେ ସଚେତନ ହୋଇ ପୂର୍ବରୁ ପରିବାର ନିୟୋଜନ ନିମନ୍ତେ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରିଥିଲେ ସେମାନଙ୍କ କଥା ପ୍ରଶାସନ ଯେପରି ପାଶୋରି ଦେଇଛି। ସରକାରଙ୍କ ସବୁଜ ପତ୍ରିକା ନିୟମ କହୁଛି ରାଜ୍ୟ ସରକାର କିମ୍ବା ଗୃହ ନିର୍ମାଣ ସଂସ୍ଥା ଦ୍ୱାରା ନିର୍ମିତ ଗୃହଗୁଡିକ ମଧ୍ୟରୁ ଶତକଡା ୫ଭାଗ ଏହି ପତ୍ରିକାଧାରୀଙ୍କ ପାଇଁ ସଂରକ୍ଷିତ ରଖାଯିବ। ଘରଡିହ ନ ଥିଲେ ୮ ଡେସିମିଲ ଭୂମି ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ନିମ୍ନ ଆୟ କିମ୍ବା ମଧ୍ୟମ ଆୟ ଗୋଷ୍ଠୀର ଲୋକମାନଙ୍କୁ ଦିଆଯାଉଥିବା ଗୃହ ନିର୍ମାଣ ଋଣରେ ଶତକଡା ୫ ଭାଗ ସଂରକ୍ଷଣ ମିଳିବ। ମେଡିକାଲ, ଇଞ୍ଜିନିୟରିଂ, ପଲିଟେକ୍‌ନିକ୍ ଓ ଆଇଟିଆଇ ଆଦି ଶିକ୍ଷାନୁଷ୍ଠାନରେ ଶତକଡା ୫ ଭାଗ ସ୍ଥାନ ପତ୍ରିକାଧାରୀଙ୍କ ସନ୍ତାନ ସନ୍ତତିଙ୍କ ପାଇଁ ସଂରକ୍ଷିତ ରଖାଯିବ। ସେହିଭଳି ସରକାରୀ କର୍ମଚାରୀ ହୋଇଥିଲେ (ସ୍ୱାମୀ କିମ୍ବା ସ୍ତ୍ରୀ) ତାଙ୍କ ଦରମାର ଗୋଟିଏ କିମ୍ବା ଦୁଇଟି ଇନ୍‌କ୍ରିମେଣ୍ଟର ସମତୁଲ ପ୍ରୋତ୍ସାହନ ଭତ୍ତା ଯୋଗାଇ ଦିଆଯିବ। ହେଲେ ଆଠମଲ୍ଲିକ ଅଞ୍ଚଳରେ ଥିବା ବହୁ ସବୁଜ ପତ୍ରିକାଧାରୀଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ ଏହି ସୁବିଧା ସୁଯୋଗର ଲାଭ ମିଳିପାରି ନାହିଁ। ଦୀର୍ଘବର୍ଷ ହେଲା ଅପେକ୍ଷା କରିଥିଲେ ବି ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜନସଂଖ୍ୟାରେ ସ୍ଥିରତା ପାଇଁ ସରକାରଙ୍କ ସଚେତନତା ଆଭିମୁଖ୍ୟ ଆନ୍ତରିକତାହୀନ ବୋଲି ସୁବିଧାରୁ ବଞ୍ଚିତ ଏହି ପତ୍ରିକାଧାରୀମାନେ ଅଭିଯୋଗ କରିଛନ୍ତି। ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସବୁଜ ପତ୍ରିକା ଯୋଜନାର ପୁନଃ ପ୍ରଚଳନ ଓ ଏହାସହ ଜଡ଼ିତ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ଘରଡିହ ପାଇ ନ ଥିବା ସବୁଜ ପତ୍ରାଧିକାରୀମାନେ ଆବେଦନ କଲେ ସରକାରଙ୍କ ନୀତିନିୟମ ଅନୁସାରେ ତଦନ୍ତ କରାଯାଇ ଯୋଗ୍ୟ ହୋଇଥିଲେ ଭୂମି ଯୋଗାଇ ଦିଆଯିବ।

### ଦୀର୍ଘବର୍ଷ ହେଲା ଅପେକ୍ଷା କରିଛୁ



" ସବୁଜ ପତ୍ରିକା ପାଇଥିବାରୁ ସରକାରଙ୍କ ତରଫରୁ ମାଗଣାରେ ଘରଡିହ ଜମି ଯୋଗାଇ ଦିଆଯାଇଥିଲା। ଏହା ଜଣାପଡ଼ିବା ପରେ ଆଖପାଖ ଅନେକ ଦମ୍ପତି ଏଥିରେ ଯୋଡ଼ି ହେବାକୁ ଆଗ୍ରହ ଦେଖାଇଥିଲେ। ହେଲେ ଦୁଃଖର କଥା, ଦୀର୍ଘ ୧୧ ବର୍ଷ ହେଲା ରାଜସ୍ୱ ବିଭାଗ ଉକ୍ତ ଘରଡିହ ଜମି ଚିହ୍ନଟ ଦେଉନାହିଁ।

**-ସୁବାସ ଶତପଥୀ, ସବୁଜ ପତ୍ରିକାଧାରୀ, ଆଠମଲ୍ଲିକ**

### ଏଯାଏ କିଛି ସୁବିଧା ମିଳିନି



" ପରିବାର ନିୟୋଜନ ଯୋଜନାରେ ସାମିଲ ହୋଇ ସବୁଜ ପତ୍ରିକା ହାସଲ କରିଛୁ। କିନ୍ତୁ ସରକାରଙ୍କ ଦ୍ୱାରା ଘୋଷିତ କୌଣସି ସୁବିଧା ସୁଯୋଗ ଏଯାଏ ମିଳିପାରି ନାହିଁ। ଜନସଂଖ୍ୟା ନିୟନ୍ତ୍ରଣ ଦିଗରେ ସହାୟକ ହେଉଥିବା ଏହି ସବୁଜ ପତ୍ରିକା ଯୋଜନା ପୁଣି ଲାଗୁ କରିବା ସହ ସରକାର ଚାକିରି କ୍ଷେତ୍ରରେ ସନ୍ତାନଙ୍କୁ ୫% ସଂରକ୍ଷଣ ଦେଲେ ଭଲହେବ।

**-ଦୀନେଶ କୁମାର ସିଂ, ସବୁଜ ପତ୍ରିକାଧାରୀ, ଆଠମଲ୍ଲିକ**

### ଲୋକଙ୍କୁ ପ୍ରୋତ୍ସାହିତ କରାଯାଉ



" ଜନସଂଖ୍ୟାରେ ବୃଦ୍ଧି ଭାରତ ପରି ବିକାଶଶୀଳ ଦେଶର ଅର୍ଥନୀତିକୁ ଅସ୍ଥିର କରିବାର ଆଶଙ୍କା ରହିଛି। ଆଗକୁ ଜଟିଳ ପରିସ୍ଥିତି ସୃଷ୍ଟିହେବା ପୂର୍ବରୁ ସମସ୍ତଙ୍କୁ ସଚେତନ କରିବା ସରକାରଙ୍କ ଦାୟିତ୍ୱ। ଏହାସହ ଜନ୍ମ ନିୟନ୍ତ୍ରଣ ଦିଗରେ ଠିକଣା ପଦକ୍ଷେପ ନେବା ଓ ଲୋକଙ୍କୁ ପ୍ରୋତ୍ସାହିତ କରିବା ଜରୁରୀ।

**-ବିନୟ କୁମାର ପଟ୍ଟନାୟକ, ସାମାଜିକ କର୍ମୀ**

### ଆବେଦନ କଲେ ଚିହ୍ନଟ ଦିଆଯିବ



" ସବୁଜ ପତ୍ରିକାଧାରୀମାନେ ଘରଡ଼ିହ ପଟା ପାଇଥିଲେ ବି ଜମି ଚିହ୍ନଟ ହୋଇ ନ ଥିବା ନେଇ ଅଭିଯୋଗ ପ୍ରଶାସନ ନିକଟକୁ ଆସିନାହିଁ। ଯଦି କୌଣସି ହିତାଧିକାରୀ ଏଥିପାଇଁ ଆବେଦନ କରନ୍ତି ତା'ହେଲେ ସଙ୍ଗେ ସଙ୍ଗେ ତାଙ୍କୁ ଜମି ଚିହ୍ନଟ ଦେବାର ବ୍ୟବସ୍ଥା କରାଯିବ।

**-ସଫି ସାଇନିକା, ତହସିଲଦାର, ଆଠମଲ୍ଲିକ**

## ବଢୁଛି ଚୋରା ମଦ କାରବାର

**ବଇଣ୍ଡା,୧୮।୭(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପେଡିପଥର, ସାନହୁଲା, ସାପଘରା, ପାଇକସାହି, ଟାପଢୋଲ, ଠାକୁରଗଡ଼, କୃତ୍ତିବାସପୁର, ମଇମୁରା ଓ ଆମ୍ବସରମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛି ଦିନ ହେବ ଚୋରା ଦେଶୀ ମହୁଲି ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। କେତେଜଣ ମଦ ବ୍ୟବସାୟୀ ଅଧିକ ଲାଭ ପାଇବା ଆଶାରେ ଏହି ବେଆଇନ କାରବାର କରୁଥିବା ଅଭିଯୋଗ ହେଉଛି। ବିଶେଷକରି ବିଭିନ୍ନ ସ୍ଥାନରେ ଥିବା କେତୋଟି ପାନ ଦୋକାନ, ତେଜରାତି ଦୋକାନ, ଏପରିକି ହୋଟେଲ ଆଦିରେ ଚୋରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି। ସନ୍ଧ୍ୟା ହେଲେ ମଦ ପାଇଁ ଅନେକ ସମୟରେ ଗ୍ରାମାଞ୍ଚଳରେ ଗଣ୍ଡଗୋଳ ହେଉଥିବା ଦେଖାଯାଉଛି। ଏ ନେଇ ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ଅବକାରୀ ବିଭାଗ ନିକଟରେ ଅଭିଯୋଗ କରାଗଲେ ମଧ୍ୟ କାଁ ଭାଁ ଚଢ଼ାଉ କରାଯାଇ ୫ ରୁ ୧୦ ଲିଟର ମଦ ଜବତ ସହ ଜଣେ ଦୁଇ ଜଣଙ୍କୁ ଗିରଫ କରାଯାଉଥିବା ଆଲୋଚନା ହେଉଛି। ବିଶେଷକରି ଏହି ଥାନା ଅଞ୍ଚଳରେ ଥିବା କେତୋଟି ଦେଶୀ ମଦ ଭାଟି ଓ ବିଦେଶୀ ମଦ ଦୋକାନୀ ବ୍ୟବସାୟ ବୃଦ୍ଧି କରିବା ପାଇଁ କର୍ମଚାରୀମାନଙ୍କ ଦ୍ୱାରା ବାହାରକୁ ଚୋରାରେ ମଦ ଚାଲାଣ କରୁଥିବା ପାଇକସାହି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅବକାରୀ ବିଭାଗ ଉଚ୍ଚ ପଦାଧିକାରୀ ଦୃଷ୍ଟି ଦେଇ ଚୋରା ମଦ ବିକ୍ରି କରିବାରେ ରୋକ ଲଗାଇବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଅବକାରୀ ବିଭାଗ ନିରୀକ୍ଷକ କୌଶଲ୍ୟା ଜେନା କହିଛନ୍ତି, ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇ ଚଢାଉ କରାଯାଉଛି।

## ଭାଙ୍ଗିଗଲା ବ୍ରିଜ୍ ସାଇଡୱାଲ

**ବଇଣ୍ଡା,୧୮।୭(ଡି.ଏନ.ଏ.)**

ଆଠମଲ୍ଲିକ ଠାରୁ ବିନିକେଇ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ପୂର୍ତ୍ତ ବିଭାଗ ରାସ୍ତା ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। କିଛି ମାସ ହେବ ଏହି ରାସ୍ତା କାର୍ଯ୍ୟ ଜାରି ରହିଥିବାବେଳେ ଅନେକ ଛୋଟ ଛୋଟ ପୋଲ ନିର୍ମାଣ ହୋଇଛି। କିନ୍ତୁ ଅତ୍ୟନ୍ତ ତରବରିଆ ଭାବେ ଓ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ଲାଗି ରହିଥିବା ଲଘୁଚାପ ବର୍ଷାରେ ରାସ୍ତାର ଅନେକ ସ୍ଥାନ ଧୋଇ ଯାଉଥିବା ବେଳେ ନିର୍ମାଣ ହୋଇଥିବା ବ୍ରିଜ୍‌ଗୁଡିକ ପାର୍ଶ୍ୱରୁ ମାଟି ଧୋଇ ହୋଇଯାଉଥିବା ଦେଖାଯାଉଛି। ବାହାଲି ନିକଟରେ ନିର୍ମାଣ ହୋଇଥିବା ଏକ ବ୍ରିଜ୍‌ର ସାଇଡ୍ ୱାଲ ଭାଙ୍ଗି ରାସ୍ତାରୁ ମାଟି ଧସି ଯାଇଛି। ଉକ୍ତ କାମ ଅତି ନିମ୍ନମାନର କରାଯାଇଥିବା ବାହାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ରାସ୍ତା, ବ୍ରିଜ୍ ୱାଲ ମରାମତି ସହ ନିମ୍ନ ମାନର କାର୍ଯ୍ୟ ସମ୍ପର୍କରେ ତଦନ୍ତ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ପୂର୍ତ୍ତ ବିଭାଗ ଏସ୍‌ଡିଓ ଫକୀର ସାହୁ କହିଛନ୍ତି, ୱାଲ ଭାଙ୍ଗିବା ସମ୍ପର୍କରେ ତଦନ୍ତ କରାଯିବ।



ବାହାଲି ନିକଟ ବ୍ରିଜ୍ ସାଇଡ୍ ୱାଲ ଭାଙ୍ଗିଯାଇଛି।

## ରାଗିଂଠାରୁ ଦୂରେଇ ରହିବାକୁ ପରାମର୍ଶ



କର୍ମଶାଳାରେ ଉପସ୍ଥିତ ଅତିଥିମାନଙ୍କ ସହ ଛାତ୍ରୀଛାତ୍ରମାନେ।

**ବଇଣ୍ଡା,୧୮।୭(ଡି.ଏନ.ଏ.)**

ଶିକ୍ଷାନୁଷ୍ଠାନ ଏକ ମନ୍ଦିର। ତେଣୁ ଯେଉଁ ନୂତନ ଛାତ୍ରୀଛାତ୍ରମାନେ ଏଠାକୁ ଆସୁଛନ୍ତି, ସେମାନଙ୍କୁ ସ୍ୱାଗତ କରିବା ସହ ସେହ୍ନ ଦିଆଯାଉ ବୋଲି ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଯୁକ୍ତ ୩ ମହାବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଏକ କର୍ମଶାଳାରେ ଯୋଗଦେଇଥିବା ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରତିମା ବାଘଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ଉପ ଜିଲାପାଳ ଲଳିତ ମୋହନ ବେହେରା ଯୋଗଦେଇ ରାଗିଂଠାରୁ ସମସ୍ତେ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ସରୋଜ କୁମାର ଦାସ, ସରୋଜ ରଞ୍ଜନ ପ୍ରଧାନ, ତରୁଣ କୁମାର ପ୍ରଧାନ, ଅଧ୍ୟାପିକା କଲ୍ୟାଣୀ ରୂପା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋ କଲେଜ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ତାଳଚେର,୧୮।୭ (ନି.ପ୍ର.)**

ତାଳଚେର ବ୍ଲକ ସୋଲଡ଼ା ଗ୍ରାମର ସୁରେଶ ବେହେରାଙ୍କ ସମସ୍ତ ଜମିବାଡ଼ି, ଘରଦ୍ୱାର କୋଇଲା ଖଣି ଦ୍ୱାରା ଅଧିଗ୍ରହଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସେମାନଙ୍କୁ ଉଚିତ କ୍ଷତିପୂରଣ ଓ ନିଯୁକ୍ତି ମିଳି ନ ଥିବା ଅଭିଯୋଗ ନେଇ ପରିବାର ସହ ସୁରେଶ ସୋମବାର ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ଏହାପୂର୍ବରୁ ଉକ୍ତ କ୍ଷତିଗ୍ରସ୍ତ ପରିବାର ଗତ ୧୩ ତାରିଖରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ୧୪ ତାରିଖରେ ଏମ୍‌ସିଏଲ୍ ଉଚ୍ଚ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ କରିବେ ବୋଲି କହିବାରୁ ସେମାନେ ହିଙ୍ଗୁଳା ଖଣି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। କିନ୍ତୁ ଦାବିଗୁଡ଼ିକ ପ୍ରତି କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନଥିବା ସୁରେଶ ଅଭିଯୋଗ କରିଛନ୍ତି। ତେଣୁ ବାଧ୍ୟ ହୋଇ ପରିବାର ସହ ସେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିବା ପ୍ରକାଶ କରିଛନ୍ତି।




ଧାରଣାରେ ବସିଥିବା କ୍ଷତିଗ୍ରସ୍ତ ପରିବାର।



ଢେଙ୍କାନାଳ ଜିଲା କପିଳାସ ପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ଶ୍ରୀଚନ୍ଦ୍ରଶେଖର ଜୀଉଙ୍କୁ ଜଳଲାଗି କରିବା ପାଇଁ ୩୦ ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

# ୩୬ ଅନୁଷ୍ଠାନରେ ହେବ ପୂଜା

**ଢେଙ୍କାନାଳ ଅଫିସ,୧୮।୭**

ଢେଙ୍କାନାଳର ସ୍ଥାନୀୟ ଗଣେଶ ବଜାର ସଭା ଗୃହରେ ସୋମବାର ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟିର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୩୬ଟି ବଜାର, କ୍ଲବର ସଭାପତି ଓ ସମ୍ପାଦକମାନେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଅଗଷ୍ଟ ୩୧ ତାରିଖରେ ଗଣେଶ ପୂଜା ଅନୁଷ୍ଠିତ ହୋଇ ସେପ୍ଟେମ୍ବର ୬ ତାରିଖ ଦିନ ଭସାଣି ଉତ୍ସବ କରାଯିବାକୁ ସ୍ଥିର କରାଯାଇଥିଲା। ଚଳିତବର୍ଷ ୩୬ଟି ଅନୁଷ୍ଠାନରେ ପୂଜା ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ସହ ଭସାଣି ଉତ୍ସବ ଦିନ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ୩୬ଟି ମେଢ ପହଞ୍ଚିବା ପରେ ଲଟେରି ଉଠାଣ ମାଧ୍ୟମରେ କ୍ରମାନ୍ୱୟ ଅନୁଯାୟୀ ଶୋଭାଯାତ୍ରା ଆରମ୍ଭ ହୋଇ ସନ୍ଧ୍ୟା ୭ଟାରେ ନିର୍ଦ୍ଧାରିତ ବିଭିନ୍ନ ପୋଖରୀରେ ବିସର୍ଜନ କରାଯିବ। ବୈଠକରେ ନିଷ୍ପତ୍ତି ଅନୁଯାୟୀ ସୋମବାର ଠାରୁ ପ୍ରତ୍ୟେକ ବଜାର ଓ କ୍ଲବର ସଭ୍ୟମାନେ ଢେଙ୍କାନାଳ ସହରକୁ କରୋନାମୁକ୍ତ କରିବା ପାଇଁ ମାସ୍କ ବ୍ୟବହାର କରିବା ସହ ଏଥିନିମନ୍ତେ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଗଲା। ଭସାଣି ଉତ୍ସବ ଦିନ ମଦ୍ୟପାନ ନିଷେଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚଳିତବର୍ଷ ଗଣେଶ ପୂଜା ଉତ୍ସବରେ ଶ୍ରେଷ୍ଠ ୩ଟି ମେଢକୁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୦୨୩ ଜାନୁଆରୀ ୨୬ ତାରିଖ ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କାର ପ୍ରଦାନ କରିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଥିଲା। ଚଳିତବର୍ଷ ନିମନ୍ତେ କମିଟିର ନୂତନ ସଭାପତି ଭାବେ ସୁଧାଂଶୁ କୁମାର ଦଳେଇଙ୍କୁ ଚୟନ କରାଗଲା। ସେହିପରି ସମ୍ପାଦକ ଭାବେ ବିଶ୍ୱନାଥ ବେହେରା, ଉପସଭାପତି ଭାବେ ସନ୍ଦୀପ ଷଡଙ୍ଗୀ, କରୁଣାକର ଦଳେଇ ଓ ଉମେଶ ବେହେରା, ସହ ସମ୍ପାଦକ ଭାବେ ବୀରବର ସାହୁ, ସନାତନ ରାଉତ, କୋଷାଧକ୍ଷ ଭାବେ ଅନୁପ ଶାନ୍ତିସ୍ୱରୂପ ମିଶ୍ରଙ୍କୁ ଚୟନ କରାଯାଇଥିଲା।



ମିଳିତ ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

**ମିଳିତ ଗଣେଶ ପୂଜା କମିଟି ପ୍ରସ୍ତୁତି ବୈଠକ**

## ସଂକ୍ଷେପରେ

### କପିଳାସ ପୀଠରେ ୩୦ ହଜାର ଶ୍ରଦ୍ଧାଳୁ ଦେବୋତ୍ତର ବିଭାଗର ବାରଣକୁ ମାନିଲେନି

**ଢେଙ୍କାନାଳ ଅଫିସ,୧୮।୭:** ରାଜ୍ୟ ତଥା ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉ ମହାଦେବଙ୍କ ମନ୍ଦିରରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାଜ ପୁରୋଧାଙ୍କ ସୂଚନା ମୁତାବକ କର୍କଟ ସଂକ୍ରାନ୍ତି ପରଠାରୁ ନଦୀ ଗୁଡିକ ରଜୋସ୍ୱାଳା ରହୁଥିବାରୁ ୩ଦିନ ଯାଏ ନଦୀପାଣି ଶୈବପୀଠ ଗୁଡିକରେ ଲାଗି ହେବ ନାହିଁ। ଦ୍ୱିତୀୟ ସୋମବାରରୁ ଜଳଲାଗି ହୋଇପାରିବ ବୋଲି ଜିଲା ଦେବୋତ୍ତର ବିଭାଗ ପକ୍ଷରୁ ପ୍ରଚାର ପ୍ରସାର କରାଯାଇଥିଲା। କିନ୍ତୁ ଦେବୋତ୍ତର ବିଭାଗର ବାରଣ ସତ୍ତ୍ୱେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଥମ ସୋମବାର ଜଳଲାଗି ପାଇଁ ସମାବେତ ହୋଇ ମନ୍ଦିର ବାହାରେ ଜଳଲାଗି କରିଥିଲେ। ଲମ୍ବା ଧାଡିରେ ଛିଡାହୋଇ ମହାପ୍ରଭୁ ଶ୍ରୀଚନ୍ଦ୍ରଶେଖର ଜୀଉ ଓ ମା’ ପାର୍ବତୀଙ୍କୁ ଦର୍ଶନ କରିଥିଲେ। ରାଜ୍ୟ ବିଭିନ୍ନ ଅଞ୍ଚଳ ସମେତ ଢେଙ୍କାନାଳ ଜିଲାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କପିଳାସରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। କୋଭିଡ ସଂକ୍ରମଣ ଯୋଗୁ ଦୁଇବର୍ଷ ଧରି ଶ୍ରାବଣ ମାସରେ ଜଳଲାଗି ବନ୍ଦ ରହିଥିବାରୁ ଚଳିତବର୍ଷ ଶ୍ରାବଣ ମାସରେ ଅଧିକ ଭକ୍ତଙ୍କ ସମାଗମ ହୋଇଥିବା ଜଣାପଡିଛି।

### କଇଁଛ ମୃତ୍ୟୁକୁ ନେଇ ବନବିଭାଗର ଖୋଳତାଡ଼

ଢେଙ୍କାନାଳ ଅଫିସ,୧୮।୭- ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ସଦର ରେଞ୍ଜ୍ କୁଶୁପଙ୍ଗା ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ନଦୀ କୂଳରେ ରବିବାର ଏକ ମଲା କଇଁଛ ଠାବ ହୋଇଥିଲା। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଉକ୍ତ ମୃତ କଇଁଛଟିକୁ ପୁଣିଥରେ ନଦୀରେ ଭସାଇ ଦେଇଥିଲେ। ଏ ସମ୍ପର୍କରେ ଖବରପାଇ ଜିଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ ଆରମ୍ଭ କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପଚାରାଉଚରା ସମୟରେ ମଲା କଇଁଛଟିକୁ ଠାବ କରିଥିବା ଯୁବକମାନେ ତାହାକୁ ନଦୀରେ ଭସାଇ ଦେଇଥିବା କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନୀ କହିଛନ୍ତି, ଖବର ପାଇବା ପରେ ବନ ବିଭାଗ କର୍ମଚାରୀମାନଙ୍କୁ ଘଟଣାସ୍ଥଳକୁ ପଠାଯାଇଥିଲା। ଯୁବକମାନେ ମୃତ କଇଁଛଟିକୁ ନଦୀରେ ଭସାଇ ଦେଇଥିବାରୁ ବ୍ୟବଚ୍ଛେଦ କରିହେଲା ନାହିଁ। ଭବିଷ୍ୟତରେ ଯଦି ନଦୀରେ ମଲା କଇଁଛକୁ ଦେଖନ୍ତି, ତା’ହାଲେ ବନବିଭାଗକୁ ଖବର ଦେବା ପାଇଁ ଅଞ୍ଚଳବାସୀଙ୍କୁ କୁହାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ମୃତଦେହ ଛଡ଼ାଗଲା

ସାତମାଇଲ,୧୮।୭- ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ସଞ୍ଜପଡା ପଞ୍ଚାୟତ ରକଲା ଗ୍ରାମର ରମେଶ ମହାପାତ୍ରଙ୍କ ପୁଅ ନରେନ୍ଦ୍ର ମହାପାତ୍ର (୧୩)ଙ୍କ ରବିବାର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ସୋମବାର ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି କ୍ଷତିପୂରଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ନରେନ୍ଦ୍ର ରବିବାର ବ୍ରାହ୍ମଣୀଦେଇପିଢ଼ ପାଖ ଲିଙ୍ଗରା ଜୋରକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ସୋମବାର ସକାଳେ ନରେନ୍ଦ୍ରଙ୍କ ମୃତଦେହ ଠାବ କରାଯାଇଥିଲା।

# ସ୍ଥାୟୀ ଜମା ପାଇଁ ୧୦ ହଜାର ଦେଲେ ଜିଲାପାଳ

**ପରଜଙ୍ଗ,୧୮।୭(ଡି.ଏନ.ଏ.)**

ଅଭିଯୋଗ ଶୁଣାଣି ଶିବିରରେ ଥିଲେ ଅନେକ ଅଭିଯୋଗକାରୀ। କିଏ ଭତ୍ତା ପାଇଁ ତ ଆଉ କିଏ ରାସ୍ତା ସମସ୍ୟା ନେଇ ଧାଇଁ ଆସିଥିଲେ ପ୍ରଶାସନ ନିକଟକୁ। ହେଲେ ଭିଡ଼ ଭିତରେ କାଖରେ ଥିବା ପିଲାଟିଏର ଆବାସ ଆବେଦନ ଆଶ୍ଚର୍ଯ୍ୟ କରିଦେଇଥିଲା ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀଙ୍କୁ। ଉକ୍ତ ଅଭିଯୋଗପତ୍ରକୁ ଉତ୍ସୁକତାର ସହ ପଢ଼ିବା ପରେ ଚକିତ ହୋଇଯାଇଥିଲେ ଜିଲା ମୁଖିଆ। ବାଳୁତ ପରି ଦିଶୁଥିଲେ ବି ଆବେଦନକାରୀଙ୍କ ବୟସ ଥିଲା ୨୫। ମାଟ୍ରିକ ପାସ୍ ମଧ୍ୟ କରିଛନ୍ତି। ଏହା ଜାଣିବା ମାତ୍ରେ ଖୁସି ହେଲେ ଜିଲାପାଳ। ସମ୍ପୃକ୍ତ ଦିବ୍ୟାଙ୍ଗଙ୍କ ସହିତ ହାତ ମିଳାଇଲେ। ଆବାସ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଲେ। ଆଉ ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍) ପାଇଁ ବ୍ୟାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ପଠାଇବା ମାତ୍ରେ ଆନନ୍ଦରେ ଅଧୀର ହୋଇଯାଇଥିଲେ ଦିବ୍ୟାଙ୍ଗ ସିଦ୍ଧାନ୍ତ ସାହୁ। ସୋମବାର ପରଜଙ୍ଗ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଘଟିଥିବା ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଦିବ୍ୟାଙ୍ଗ ସିଦ୍ଧାନ୍ତଙ୍କ ଘର ପରଜଙ୍ଗ ବ୍ଲକ କନ୍ତୁର ଗ୍ରାମରେ। ତାଙ୍କ ବାପା ହେଉଛନ୍ତି ନିମାଇଁ ସାହୁ। ଦିବ୍ୟାଙ୍ଗ ହୋଇଥିବାରୁ ସରକାରୀ ପ୍ରଦତ୍ତ ସୁବିଧା ପାଇଁ ସେ ବ୍ଲକ କାର୍ଯ୍ୟାଳୟରେ ହେଉଥିବା ଅଭିଯୋଗ ଶୁଣାଣି ଶିବିରକୁ ଆସିଥିଲେ। ଶିକ୍ଷିତ ସିଦ୍ଧାନ୍ତ ଦରଖାସ୍ତଟିକୁ ହାତରେ ଧରିଥିଲେ। ଭିଟାମାଟିରେ ଚାଳ ଛପର ଘର ଖଣ୍ଡେ ଥିଲେ ବି ସେ ତାହାକୁ ଛାତ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ ବୋଲି ସେଥିରେ ଉଲ୍ଲେଖ କରିଥିଲେ। ତେଣୁ ଜିଲା ପ୍ରଶାସନ ଏହାର ତଦନ୍ତ କରି ତାଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ସେ ଜିଲାପାଳଙ୍କୁ ଆବେଦନ କରିଥିଲେ। ତାଙ୍କ ଦରଖାସ୍ତକୁ ଜିଲାପାଳ ଗ୍ରହଣ କରିବା ସହ ତୁରନ୍ତ ସମସ୍ତ ଅସୁବିଧା ଦୂର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏଥିସହ ୧୦ ହଜାର ଟଙ୍କା ଦେଲେ ଫିକ୍ସଡ୍ ଡିପୋଜିଟ୍ କରିବେ କି ବୋଲି ପଚାରିଥିଲେ। ସିଦ୍ଧାନ୍ତ ହଁ କରିବା କ୍ଷଣି ଜିଲାପାଳ ରେଡ଼କ୍ରସ୍ ପାଣ୍ଠିରୁ ସଙ୍ଗେ ସଙ୍ଗେ ବ୍ୟାଙ୍କ ଆକାଉଣ୍ଟକୁ ୧୦ ହଜାର ଟଙ୍କା ପଠାଇ ଦେଇଥିଲେ। ଦୁଃଖ ଶୁଣିଥିବାରୁ ଦିବ୍ୟାଙ୍ଗ ସିଦ୍ଧାନ୍ତ ଜିଲାପାଳଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ସେଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସ୍ଥାୟୀ ଜମା ପାଇଁ ୧୦ ହଜାର ଟଙ୍କା ଦିଆଯାଇଛି। ସ୍ୱାସ୍ଥ୍ୟ ପରୀକ୍ଷା କରି ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ କୁହାଯାଇଛି। ଆବାସ ଯୋଜନାରେ ଘର ଉପଲବ୍ଧ ହେଲେ ଦିବ୍ୟାଙ୍ଗ ସିଦ୍ଧାନ୍ତଙ୍କୁ ପ୍ରଦାନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

ଏହି ଜନ ଅଭିଯୋଗ ଶୁଣାଣିରେ ମୋଟ ୧୨୭ ଅଭିଯୋଗ ଆସିଥିବା ବେଳେ ୯୮ଟିର ସମାଧାନ କରାଯାଇଥିଲା। ବିଶେଷକରି ବ୍ରାହ୍ମଣୀ ନଦୀ ପୋଲ ମରାମତି, ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି, ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟ ପୁନଃ ଚାଲୁ କରାଯିବା, ଦଦରାଘାଟି ଜଳ ସେଚନ ପ୍ରକଳ୍ପ ବିସ୍ଥାପିତ ପ୍ରଜାମାନଙ୍କ ପକ୍ଷରୁ ୮ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଢେଙ୍କାନାଳ ଏସ୍‌ପି ଲୋଗାୟାଗି ଦିବ୍ୟା ଭି, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ପରଜଙ୍ଗ ତହସିଲଦାର ଖଗେଶ୍ୱର ପାତ୍ର, ବିଡିଓ ବିନୋଦ ବିହାରୀ ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଶୋକ କୁମାର ଦାସ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷ ଯଶସ୍ୱିନୀ ରାଉତ, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଜଣେ ବ୍ୟକ୍ତିଙ୍କ କାଖରେ ଥାଇ ଜିଲାପାଳଙ୍କ ସହ କଥା ହେଉଛନ୍ତି ଦିବ୍ୟାଙ୍ଗ ସିଦ୍ଧାନ୍ତ ସାହୁ।

- ଦିବ୍ୟାଙ୍ଗ ସିଦ୍ଧାନ୍ତ ସାହୁଙ୍କୁ ମିଳିବ ପକ୍କା ଘର
- ମାଟ୍ରିକ ପାସ୍ କରିଥିବାରୁ ଖୁସି ହେଲେ ଜିଲା ମୁଖିଆ

## ଛଟେଇ ପ୍ରତିବାଦରେ ଆତ୍ମାହୁତି ଉଦ୍ୟମ

**ପରଜଙ୍ଗ,୧୮।୭(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଚାଲିଥିବା ବେଳେ ହାତୀ ସ୍କ୍ୱାଡ୍‌ରୁ ଛଟେଇ ହୋଇଥିବା ପରଜଙ୍ଗ ଥାନା କାଦପଡା ଗାଁର ବାବୁ ସାହୁ ଆତ୍ମାହୁତି ଉଦ୍ୟମ କରିଥିଲେ। ତେବେ ସେଠାରେ ଉପସ୍ଥିତ ପୋଲିସ ଅଧିକାରୀ ଓ ସାମାଜିକ କର୍ମୀ ପ୍ରଶାନ୍ତ ଦଳବେହେରା ପ୍ରମୁଖ ତାଙ୍କୁ ଉଦ୍ଧାର ସହ ବୁଝାଶୁଝା କରିଥିଲେ। ବାବୁ ଅଭିଯୋଗ କରିଛନ୍ତି, ସେ ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଦଦରାଘଟି ଫରେଷ୍ଟ ସେକ୍ସନ ହାତୀ ସ୍କ୍ୱାର୍ଡରେ କାର୍ଯ୍ୟ କରୁଥିଲେ। କିନ୍ତୁ ତତ୍କାଳୀନ ରେଞ୍ଜରର କୌଣସି ସୂଚନା ନ ଦେଇ ବିନା ଦୋଷରେ ତାଙ୍କୁ ୧୦ ମାସ ହେବ କାର୍ଯ୍ୟରୁ ବହିଷ୍କାର କରିଦେଇଛନ୍ତି। ଏଥିସହ ୭ ମାସର ଦରମା ମଧ୍ୟ ଦେଇନାହାନ୍ତି। ବିନା ଦୋଷରେ ଦଣ୍ଡିତ କରାଯାଇଥିବା ନେଇ ସେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତେଣୁ ପରିବାର ଚଳାଇବାରେ ଅସୁବିଧା ହେଉଥିବାରୁ ସେ ଅଭିଯୋଗ ନେଇ ଶିବିରକୁ ଆସିଥିଲେ। ତେବେ ଧାଡ଼ିରେ ଠିଆ ହୋଇଥିବା ବେଳେ କିରୋସିନ ଢାଳି ହୋଇ ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସବୁଆଡୁ ନିରାଶ ହେବାପରେ ଏଭଳି ନିଷ୍ପତ୍ତି ନେଇଥିବା ବାବୁ ପ୍ରକାଶ କରିଛନ୍ତି। ତେବେ ଅଭିଯୋଗର ତଦନ୍ତ କରି ନିୟମ ଅନୁଯାୟୀ ପଦକ୍ଷେପ ନେବା ସହ ବାକି ଦରମା ଟଙ୍କା ପ୍ରଦାନ କରିବା ପାଇଁ ଡିଏଫଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲାପାଳ ସରୋଜ କୁମାର ସେଠୀ ପ୍ରକାଶ କରିଛନ୍ତି।

# ୫-ଟିରେ ଉପଲବ୍ଧ ସୁଫଳ ପିଲାଙ୍କଠାରେ ପହଞ୍ଚାଅ



ନେତୃତ୍ୱ ବିକାଶ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସମ୍ପର୍କିତ କର୍ମଶାଳରେ ଯୋଗଦେଇଥିବା ପ୍ରଧାନଶିକ୍ଷୟିତ୍ରୀଶିକ୍ଷକମାନେ।

**ଢେଙ୍କାନାଳ ଅଫିସ,୧୮।୭**

**ନେତୃତ୍ୱ ବିକାଶ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସମ୍ପର୍କିତ କର୍ମଶାଳା**

ଢେଙ୍କାନାଳ ଜିଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ନେତୃତ୍ୱ ବିକାଶ ଓ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ ସମ୍ପର୍କିତ ଏକ ପଞ୍ଚଦିବସୀୟ କର୍ମଶାଳା ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲିଟି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜିଲାର ୨୧ ଗୋଟି ୫-ଟି ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ମୋଟ୍ ୬୫ଜଣ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୫-ଟି ଆନୁକୂଲ୍ୟରେ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟ ଗୁଡିକରେ ଯେଉଁ ସବୁ ସୁବିଧା ଉପଲବ୍ଧ ରହିଛି ସେଗୁଡିକର ସୁଫଳ ପିଲାମାନଙ୍କ ନିକଟରେ କିଭଳି ପହଞ୍ଚିପାରିବ ସେ ନେଇ ପ୍ରଧାନଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ଭାବେ ଢେଙ୍କାନାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଭୁବନ ସରକାରୀ ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳର ପ୍ରଧାନ ଶିକ୍ଷକ ରୁଦ୍ର ନାରାୟଣ ସାମଲ ଯୋଗଦେଇ ନେତୃତ୍ୱ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଆତ୍ମ ସଚେତନତା, ଶିକ୍ଷା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗଦ୍ୱାରା ଡିଜିଟାଲ କୌଶଳର ସଫଳ ବ୍ୟବହାର ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ଯୋଗଦେଇ ଶିକ୍ଷକମାନଙ୍କୁ ଅଧିକ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଶିକ୍ଷାଧିକାରିଣୀ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଢେଙ୍କାନାଳ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଶିକ୍ଷଣ ଶାସ୍ତ୍ର ସଂଯୋଜିକା ଶୁଭଲକ୍ଷ୍ମୀ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ, ସ୍ଥାନୀୟ ଲକ୍ଷ୍ମୀଧର ମ୍ୟୁନିସିପାଲିଟି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଶେଷରେ ଶୁଭଲକ୍ଷ୍ମୀ ସାହୁ, ଢେଙ୍କାନାଳ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଶିକ୍ଷଣ ଶାସ୍ତ୍ର ସଂଯୋଜିକା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଶ୍ରୁତି ରଖିଲେନି ରାଜପଥ କର୍ତ୍ତୃପକ୍ଷ

**ଢେଙ୍କାନାଳ ଅଫିସ,୧୮।୭**

**୨୨ରେ ଢେଙ୍କାନାଳ ବନ୍ଦ ଡାକରା ଦେଲା ଓକିଲ ସଂଘ**

ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ସମ୍ପ୍ରସାରଣ ଓ ଉନ୍ନତୀକରଣ କାର୍ଯ୍ୟ ପ୍ରତିଶ୍ରୁତି ମୁତାବକ ଶେଷ ହୋଇପାରି ନାହିଁ। ମରାମତି ମଧ୍ୟ ହୋଇପାରି ନାହିଁ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ନିଜ ପ୍ରତିଶ୍ରୁତି ରକ୍ଷା କରି ନ ଥିବାରୁ ଢେଙ୍କାନାଳ ଜିଲା ଓକିଲ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଛି। ସୋମବାର ସଂଘର ଏକ ଜରୁରୀ ବୈଠକ ବସି ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖରେ ଢେଙ୍କାନାଳ ବନ୍ଦ ଡାକରା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି।

ସଂଘ ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀମାନେ ଢେଙ୍କାନାଳ ଓ ଅନୁଗୋଳ ଜିଲା ପ୍ରଶାସନକୁ ତିଳେମାତ୍ର ଖାତିର କରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗତ ୨୦ ଏପ୍ରିଲ ୨୦୨୨ରେ ସଂଘ ପକ୍ଷରୁ ଆଲୋଚନା ମୁତାବକ ଜିଲାପାଳଙ୍କୁ ୫୫ନଂ ଜାତୀୟ ରାଜପଥର ଦୂରାବସ୍ଥା ସମ୍ପର୍କରେ ଏକ ସ୍ମାରକପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା। ଏହାପରେ ୨୮ ଏପ୍ରିଲ ୨୦୨୨ରେ ପ୍ରଶାସନ, ଜିଲା ଓକିଲ ସଂଘ, ଜିଲା ଶିଳ୍ପ ଓ ବାଣିଜ୍ୟ ସଂଘ, ଜିଲା ସାମ୍ବାଦିକ ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୈଠକରେ ଯୋଗଦେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କହିଥିଲେ, ଜୁନ ୧୫ ସୁଦ୍ଧା ସମ୍ପ୍ରସାରଣ କାର୍ଯ୍ୟ ଶେଷ କରାଯିବ। ଅତି ବେଶିରେ ଜୁନ ୩୦ ତାରିଖ ମଧ୍ୟରେ ଉନ୍ନତୀକରଣ ସରିବ। ଉନ୍ନତୀକରଣ ଓ ମରାମତି କାର୍ଯ୍ୟ ତଦାରଖ କରିବା ପାଇଁ ଏକ କମିଟିମଧ୍ୟ ଗଠିତ ହୋଇଥିଲା। କମିଟିଗଠନ ସମ୍ପର୍କରେ ବିଳମ୍ବରେ ଜିଲା ଓକିଲ ସଂଘକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ଏହାସତ୍ତ୍ୱେ ମଧ୍ୟ ଗଠିତ କମିଟି ଦୁଇଥର ୫୫ନଂ ଜାତୀୟ ରାଜପଥର ଉନ୍ନତୀକରଣ ଓ ମରାମତି କାର୍ଯ୍ୟ ପ୍ରାଧିକରଣ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଅଧିକାରୀଙ୍କ ଉପସ୍ଥିତିରେ ତଦାରଖ କରିଥିଲେ। କିନ୍ତୁ ପ୍ରତିଶ୍ରୁତି ମୁତାବକ କୌଣସି ପ୍ରକାର ଉନ୍ନତୀକରଣ ଓ ମରାମତି କାମ ଆଗେଇ ନ ଥିଲା। ଏ ସମ୍ପର୍କରେ ମଧ୍ୟ ସଂଘ ପକ୍ଷରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଏହାପରେ ମଧ୍ୟ କୌଣସି କାର୍ଯ୍ୟ କରାଗଲା ନାହିଁ। ଏହାର ପ୍ରତିବାଦ ସ୍ୱରୂପ ସଂଘ ପକ୍ଷରୁ ଆସନ୍ତା ଶୁକ୍ରବାର ଢେଙ୍କାନାଳ ବନ୍ଦ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଢେଙ୍କାନାଳସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ ପ୍ରକଳ୍ପ କାର୍ଯ୍ୟାଳୟକୁ ଘେରାଉ କରାଯିବା ପାଇଁ ମଧ୍ୟ ସ୍ଥିର କରାଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ସମସ୍ତ ଅନୁଷ୍ଠାନ ଓ ଜନସାଧାରଣଙ୍କୁ ସାମିଲ ହେବାକୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ବନ୍ଦ ପାଳନ ପାଇଁ ଆସନ୍ତା ବୁଧବାର ଓକିଲ ସଂଘ ଆହ୍ୱାନରେ ସଂଘ କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଜିଲା ସାମ୍ବାଦିକ ସଂଘ, ଶିଳ୍ପ ଓ ବାଣିଜ୍ୟ ସଂଘ, ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ, ଟାକ୍ସି ଆସୋସିଏଶନ, ମିଳିତବଜାର ପୂଜା କମିଟି, ଢେଙ୍କାନାଳ ସଚେତନ ନାଗରିକ ଫୋରମ ସମେତ ବିଭିନ୍ନ ଅନୁଷ୍ଠାନ ଯୋଗ ଦେବା ପାଇଁ ଅନୁରୋଧ କରାଯିବ। ଏହାପରେ ବନ୍ଦ ପାଳନ ପାଇଁ ଆଲୋଚନା ହେବ ବୋଲି ସଭାପତି ଓ ସମ୍ପାଦକ ଜଣାଇଛନ୍ତି।



ଢେଙ୍କାନାଳ ସହର ୧୩ନଂ. ୱାର୍ଡ କାଞ୍ଚନବଜାର ଦଣ୍ଡସାହି ଅଞ୍ଚଳରେ ବର୍ଷାଜଳ ପ୍ରବେଶ ଯୋଗୁ ନାହିଁ ନ ଥିବା ସମସ୍ୟା ସୃଷ୍ଟି ହୋଇଛି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

# ୨ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**ଢେଙ୍କାନାଳ ଅଫିସ,୧୮।୭**

### ରାଜୁ ହତ୍ୟା ମାମଲା

୨୦୨୦ ସେପ୍ଟେମ୍ବରରେ ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ନିମବାହାଲି ଛକରେ ରହୁଥିବା ଜରି ଗୋଟାଳି ରାଜୁ ଓରଫ୍ ବିଜୁଙ୍କ ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଜିଲା ଦୌରାଜଜ୍ ଘଟଣାର ୨ ଅଭିଯୁକ୍ତ ମନୋଜ ରାଉତ ଓ ଦୁଃଖୀରାମ ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।
ପ୍ରକାଶ ଯେ, ନିମବାହାଲି ଛକରେ ରହୁଥିବା ଜରିଗୋଟାଳି ରାଜୁଙ୍କର ଜଣେ ମହିଳାଙ୍କ ସହ ବିବାହକୁ ନେଇ ତାଙ୍କ ସହିତ ରହୁଥିବା ମନୋଜ ଓ ଦୁଃଖୀରାମଙ୍କ ମଧ୍ୟରେ ବିବାଦ ହୋଇଥିଲା। ମହିଳା ଜଣକ ରାଜୁଙ୍କୁ ବିବାହ କରିବା ପାଇଁ ଚାହିଁବାରୁ ମନୋଜ ଏହାର ପ୍ରତିବାଦ କରିଥିଲେ। କାରଣ ମନୋଜ ସମ୍ପୃକ୍ତ ମହିଳାଙ୍କୁ ବିବାହ କରିବାକୁ ଚାହୁଁଥିଲେ। କିନ୍ତୁ ସମ୍ପୃକ୍ତ ମହିଳା ଏଥିରେ ରାଜି ନ ଥିଲେ। ଏହି ଘଟଣାକୁ ନେଇ ୩ଜଣଙ୍କ ମଧ୍ୟରେ ବିବାଦ ହୋଇଥିଲା। ପ୍ରଥମେ ଦୁଃଖୀରାମ ରାଜୁଙ୍କୁ ଚାପୁଡା ମାରିଥିଲେ। ଏହାପରେ ମନୋଜ ଏକ ଟାଙ୍ଗିଆରେ ରାଜୁଙ୍କ ବେକକୁ ହାଣିଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଉଭୟ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ନିମବାହାଲି ବଜାରରେ ତେଜରାତି ଦୋକାନ ଦେଇଥିବା ପୀତବାସ ନାୟକ ଘଟଣା ସମ୍ପର୍କରେ ମୋଟଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୦୪।୨୦ରେ ଏକ ମାମଲା ରୁଜୁ ସହ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ତତ୍କାଳୀନ ଅଧିକାରୀ ସରୋଜିନୀ ସାମନ୍ତ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହି ମାମଲାର ସିଟି ସେସନ୍ସ କେସ୍ ନଂ-୧୨।୨୧ର ବିଚାର କରି ଜିଲା ଦୌରାଜଜ୍ ଶରତ କୁମାର ଦେହୁରୀ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ପରିଚାଳନା କରିଥିଲେ। ଅଭିଯୁକ୍ତ ମନୋଜଙ୍କ ଘର କଳାହାଣ୍ଡି ଜିଲା ଭବାନୀପାଟଣା ଥାନା ଜେନାଖୋଲପଡ଼ା ଓ ଦୁଃଖୀରାମଙ୍କ ଘର ଅନୁଗୋଳ ଜିଲା ଜରପଡ଼ା ଥାନା ପୁରୁଣା ଗ୍ରାମରେ ହୋଇଥିବା ବେଳେ ସେମାନଙ୍କ ପରିବାର ବର୍ତ୍ତମାନ ଢେଙ୍କାନାଳ ଟାଉନପ୍ଲାନିଂ ଅଞ୍ଚଳରେ ରହୁଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ରାଜ୍ୟ ଆଦିବାସୀ ତୀରନ୍ଦାଜ୍ ପ୍ରତିଯୋଗିତା ଡିସେମ୍ବର ୯ରୁ

ଢେଙ୍କାନାଳ ଅଫିସ,୧୮।୭: ଢେଙ୍କାନାଳ ଜିଲା ତୀରନ୍ଦାଜ ସଂଘର କାର୍ଯ୍ୟକାରିଣୀ ବୈଠକ ସୋମବାର ଅପରାହ୍ନ ୫ଟାରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଘ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଡିସେମ୍ବର ୯ ତାରିଖରୁ ୩ଦିନ ବ୍ୟାପୀ ଢେଙ୍କାନାଳରେ ୪ର୍ଥ ରାଜ୍ୟ ଆଦିବାସୀ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହେବା ପାଇଁ ଓଡ଼ିଶା ରାଜ୍ୟ ତୀରନ୍ଦାଜ ସଂଘ ସଦସ୍ୟ ସ୍ୱୀକୃତି ପ୍ରଦାନ କରିଥିବା ସୂଚନା ଦେଇଥିଲେ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ୩୦୦ ପ୍ରତିଯୋଗୀ, ୧୦୦ରୁ ଊର୍ଦ୍ଧ୍ୱ ରାଜ୍ୟ କର୍ମକର୍ତ୍ତା, ପ୍ରଶିକ୍ଷକ ଓ ରେଫରୀ ଯୋଗଦାନ କରିବେ। ଏଥିପାଇଁ ଏକ ଅଭ୍ୟର୍ଥନା କମିଟି ଗଠନ କରାଯିବା ପାଇଁ ସଂଘ ଉପସଭାପତି ରାଜକିଶୋର ବେହେରା ପ୍ରସ୍ତାବ ଦେଇଥିଲେ। ଉପସଭାପତି ସରୋଜ କୁମାର ପାଢୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସିନୀ ମହାକୁଡ, ଟଙ୍କଧର ବେହେରା, ଅଚ୍ୟୁତାନନ୍ଦ ସାହୁ, ରାମକୃଷ୍ଣ ବେହେରା, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ପ୍ରକାଶଚନ୍ଦ୍ର ପତି ଓ ରାଜେନ୍ଦ୍ର ନାରାୟଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ୩ ଫୁଟ୍ ନାଗସାପ ଉଦ୍ଧାର

କଣିହାଁ,୧୮।୭(ଡି.ଏନ୍.ଏ.)-ଏନ୍‌ଟିପିସି ଥାନା ବିଜିଗୋଳ ଗ୍ରାମର ସରୋଜ ସାହୁଙ୍କ ଘରୁ ସୋମବାର ଏକ ୩ ଫୁଟ୍ ଲମ୍ବର ନାଗସାପ ଉଦ୍ଧାର କରାଯାଇଛି। ନାଗସାପଟି ସରୋଜଙ୍କ ଘରେ ପଶିଯାଇଥିଲା। ଏ ନେଇ ପରିବାର ଲୋକେ କଣିହାଁ ବନବିଭାଗକୁ ସୂଚନା ଦେଇଥିଲେ। ରେଞ୍ଜରଙ୍କ ପରାମର୍ଶକ୍ରମେ ଫରେଷ୍ଟ ଗାର୍ଡ, ସ୍ନେକହେଲପ ଲାଇନ ସଦସ୍ୟଙ୍କ ସହଯୋଗରେ ସାପକୁ ସଂରକ୍ଷିତ ଜଙ୍ଗଲରେ ଛଡାଯାଇଥିବା ରେଞ୍ଜର ନିଳମଣୀ ଦେହୁରୀ ପ୍ରକାଶ କରିଛନ୍ତି।

# ଗୋଠଛଡ଼ା ଦନ୍ତା ହାତୀକୁ ନେଇ ଆତଙ୍କ



ଗୋଠଛଡା ଦନ୍ତା ହାତୀ।

**ଢେଙ୍କାନାଳ ଅଫିସ,୧୮।୭**

ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ ନାଠୁଆ ଗ୍ରାମରେ ସୋମବାର ଦୁଇଟି ଗୋଠଛଡା ଦନ୍ତାହାତୀଙ୍କ ଉପଦ୍ରବକୁ ନେଇ ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ହାତୀ ଦୁଇଟି ଗାଁ ଦାଣ୍ଡରେ ବୁଲୁଥିବାରୁ ସନ୍ଧ୍ୟାହେଲେ ଲୋକମାନେ ତାଟି କବାଟ ପକାଇ ଦେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଏକ ଭାଗବତ ଟୁଙ୍ଗିକୁ ମଧ୍ୟ ହାତୀ ଭାଙ୍ଗି ଦେଇଥିବା ଜଣାପଡିଛି। ଏହି ଦୁଇ ହାତୀ ନାଠୁଆ ସମେତ ଆଖପାଖର ପାରିଖେଦା, ତିଳପଦା, ଅଁଳା ଓ ଖଣ୍ଡିଆବନ୍ଧ ଅଞ୍ଚଳରେ ମଧ୍ୟ ଆତଙ୍କ ସୃଷ୍ଟି ସହିତ ବହୁ କ୍ଷୟକ୍ଷତି କରୁଛନ୍ତି। ଦୁଇ ଗୋଠଛଡା ଦନ୍ତା ହାତୀକୁ ଉକ୍ତ ଅଞ୍ଚଳରୁ ତୁରନ୍ତ ଘଉଡାଇବା ପାଇଁ ଗ୍ରାମବାସୀ ବନବିଭାଗ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନୀ କହିଛନ୍ତି, ଉକ୍ତ ଅଞ୍ଚଳରୁ ଲୋକମାନେ ମୋତେ ଫୋନ କରିଥିଲେ। ବନ କର୍ମଚାରୀଙ୍କୁ ହାତୀମାନଙ୍କ ଗତିବିଧି ଉପରେ ନଜର ଦେବାକୁ କୁହାଯାଇଛି। ମଙ୍ଗଳବାର ନିଜେ ଉକ୍ତ ଅଞ୍ଚଳକୁ ଯାଇ ଦୁଇ ହାତୀଙ୍କ ଗତିବିଧି ଉପରେ ନଜର ରଖିବି ବୋଲି କହିଥିଲେ।

# ପ୍ରତି ମାସରେ ହେବ ସାରସ୍ୱତ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ,୧୮।୭**

ଢେଙ୍କାନାଳ ଥିଙ୍କର୍ସ ଫୋରମର ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଚରୈବେତୀ ଆନୁକୂଲ୍ୟରେ ସ୍ଥାନୀୟ ଦଧିବାବନ ଜୀଉ ମନ୍ଦିରରେ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଚରୈବେତୀର ପ୍ରମୁଖ ସୁଶୀଲ କୁମାର ନନ୍ଦଙ୍କ ସଭାପତିତ୍ୱରେ ସହ ପ୍ରମୁଖ ବିବେକାନନ୍ଦ ଷଡଙ୍ଗୀଙ୍କ ଉଦ୍ୟମରେ ଏହି ସାହିତ୍ୟ ଓ କବିତା ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱରର ବିଶିଷ୍ଟ କବି କାଳୀକିଙ୍କର ଦାସଙ୍କ ସମେତ ୧୯ଜଣ କବି ଉପସ୍ଥିତ ରହି ନିଜସ୍ୱ କବିତା ପାଠ କରିଥିଲେ। ଫୋରମ ସଭାପତି ସୌମେନ୍ଦୁ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତି ମାସର ତୃତୀୟ ରବିବାର ଅପରାହ୍ନରେ ଏଭଳି ସାରସ୍ୱତ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ସମ୍ପାଦକ ପ୍ରକାଶଚନ୍ଦ୍ର ରାଉତ ସୂଚନା ଦେଇଥିଲେ। କବି ଦୁର୍ଗାଚରଣ




ଥିଙ୍କର୍ସ ଫୋରମର ସାହିତ୍ୟ ଆସରରେ ଉପସ୍ଥିତ କର୍ମକର୍ତ୍ତାମାନେ।

### ଢେଙ୍କାନାଳ ଥିଙ୍କର୍ସ ଫୋରମର ସାହିତ୍ୟ ଆସର

ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ କବି କାଳୀକିଙ୍କର ଦାସଙ୍କ ସମେତ ଢେଙ୍କାନାଳର ରବୀନ୍ଦ୍ର କୁମାର ସାହୁ, ଶତ୍ରୁଘ୍ନ ମାଟି, ନନ୍ଦକିଶୋରୀ ନାଥ, ସଂଯୁକ୍ତା ଶରଣ, ସସ୍ମିତ ରାଉତ, ସନ୍ତୋଷ ସ୍ୱାଇଁ, ବିବେକାନନ୍ଦ ଷଡଙ୍ଗୀ, ସୌମେନ୍ଦୁ ଶତପଥୀ, ପ୍ରକାଶ ରାଉତ, ଦେବ ପ୍ରସାଦ ସାହୁ, ସୁଶୀଲ କୁମାର ନନ୍ଦ, ଜୟଦେବ ଷଡଙ୍ଗୀ, ବୈକୁଣ୍ଠ ନାଥ ଦ୍ୱିବେଦୀ, ଭୋଜରାଜ ସାହୁ, ଅଭିନାଶ ପଟ୍ଟନାୟକ, ଅଖିଳ ସାହୁ, ଦୁର୍ଗାଚରଣ ସାହୁ, ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହାପରେ କବିତା ଗୁଡିକର ସମୀକ୍ଷା ହୋଇଥିଲା । ଅଙ୍କିତା ପଟ୍ଟନାୟକ ସଙ୍ଗୀତ ପରିବେଷଣ କରିଥିଲେ ।

# କିକ୍ ବକ୍ସିଂ ଖେଳାଳିଙ୍କ କୋଲ୍‌କାତା ଗସ୍ତ

**ଢେଙ୍କାନାଳ ଅଫିସ,୧୮।୭**

ଢେଙ୍କାନାଳ ଜିଲାର ଡାଇମଣ୍ଡ କିକ୍ ବକ୍ସିଂ ଛାତ୍ରୀମାନେ କୋଲ୍‌କାତା ଗସ୍ତ କରିଛନ୍ତି। ବେହାଲ୍‌ର ସତ୍ୟଜିତ୍ ରାଏ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଆସନ୍ତା ୧୯ ରୁ ୨୪ ତାରିଖ ପର୍ଯ୍ୟନ୍ତ ୱାକୋ ଇଣ୍ଡିଆ ଦ୍ୱାରା ଆୟୋଜିତ ହେଉଥିବା ଜାତୀୟ ସ୍ତରର ୭ ବର୍ଷରୁ ୧୮ବର୍ଷ ପର୍ଯ୍ୟନ୍ତ କିକ୍ ବକ୍ସିଂ ପ୍ରତିଯୋଗିତାରେ ଏହି ଖେଳାଳିମାନେ ଭାଗ ନେବେ। ଢେଙ୍କାନାଳର ଟିମ୍ କୋଚ୍ ମିହିର କୁମାର ସାହୁ, ସହକାରୀ କୋଚ୍ ବବି ପ୍ରତିହାରୀଙ୍କ ସହିତ ୧୦ରୁ ୧୨ବର୍ଷ ବର୍ଗ ଛାତ୍ରୀ ଅନୁସୟା ବେହେରା, ଅଙ୍କିତା ପ୍ରିୟଦର୍ଶିନୀ ଭଞ୍ଜ ଏବଂ ୧୬ରୁ ୧୮ବର୍ଷ ବର୍ଗର ସୁଚିସ୍ମିତା ଅମାନ୍ ଓ ମାନସୀ ବେହେରା ଏଥିପାଇଁ




କିକ୍ ବକ୍ସିଂ ଖେଳାଳିମାନେ କୋଲକାତା ଯାତ୍ରା କରୁଛନ୍ତି।

କୋଲକାତା ଯାତ୍ରା କରିଛନ୍ତି । ଜିଲାପାଳ ସରୋଜ କୁମାର ସେଠୀ ପିଲାମାନଙ୍କ ଉତରୋତ୍ତର ଉନ୍ନତି କାମନା କରିବା ସହ ଢେଙ୍କାନାଳର ଗୌରବ ବଢାଇବାକୁ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଓ ଢେଙ୍କାନାଳ କିକ୍ ବକ୍ସିଂ ଆସୋସିଏସନ୍‌ର ଉପସଭାପିତ ସନ୍ତୋଷ କୁମାର ପରିଡା ଉପସ୍ଥିତ ଥିଲେ।

# ଅପମିଶ୍ରିତ ପେଟ୍ରୋଲକୁ ନେଇ ଉତ୍ତେଜନା

**ଢେଙ୍କାନାଳ ଅଫିସ,୧୮।୭**

### ଦୁଇଦିନ ହେବ ପେଟ୍ରୋଲ ପମ୍ପ ବନ୍ଦ

ଢେଙ୍କାନାଳ-କପିଳାସ ରାସ୍ତାର କାଇମାଟି ଠାରେ ଥିବା ଏକ ପେଟ୍ରୋଲ ପମ୍ପରେ ଶନିବାର ଅପମିଶ୍ରିତ ପେଟ୍ରୋଲ ପକାଇ ୫୦ରୁ ଊର୍ଦ୍ଧ୍ୱ ବାଇକ୍ ଅଚଳ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଗ୍ରାହକମାନେ ପେଟ୍ରୋଲ ପମ୍ପକୁ ଘେରାଉ କରିଥିଲେ। ଘଟଣା ପରଠାରୁ ଦୁଇଦିନ ହେବ ପେଟ୍ରୋଲ ପମ୍ପ ବନ୍ଦ ରହିଛି। ପେଟ୍ରୋଲର ମାନ ଯାଞ୍ଚ କରିବା ପାଇଁ ଜିଲାରେ ମାପ ଓ ଓଜନ ବିଭାଗ ରହିଥିବା ବେଳେ ଘଟଣାର ୨ଦିନ ବିତିବା ସତ୍ତ୍ୱେ ଅଧିକାରୀମାନେ କୌଣସି ପ୍ରକାର ତଦନ୍ତ ନ କରିବା ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ପେଟ୍ରୋଲ ଦର ଅଧିକ ବଢୁଥିବା ବେଳେ ନିମ୍ନମାନର ତେଲ ପକାଇ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାହକ ଅଭୟ କୁମାର ମହାନ୍ତି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଉକ୍ତ ପେଟ୍ରୋଲ ପମ୍ପ ମ୍ୟାନେଜର ମଦନ ମୋହନ ପରିଡା କହିଛନ୍ତି, ତେଲ ପକାଇବା ପରେ ଉକ୍ତ ଦିନ କିଛି ଗ୍ରାହକ ଅଭିଯୋଗ କରିବା ସହିତ ତେଲ ମଧ୍ୟ ଦେଖାଇଥିଲେ । ତେଲରେ କୌଣସି ସମସ୍ୟା ଥିବା କିମ୍ବା ମଏଶ୍ଚର ଥିବା ଆମେ ସନ୍ଦେହ କରୁଛି ବୋଲି ମ୍ୟାନେଜର କହିଛନ୍ତି।

# ଇନର ହୁଇଲ କ୍ଲବ୍‌ର ଅଧିଷ୍ଠାନ ଦିବସ

**ଢେଙ୍କାନାଳ ଅଫସ, ୧୮।୭**

ଇନର ହୁଇଲ କ୍ଲବ କପିଳାସ ଢେଙ୍କାନାଳର ଅଧିଷ୍ଠାନ ଦିବସ ରବିବାର ସ୍ଥାନୀୟ ଲେଖକ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଇନର ହୁଇଲର ପୂର୍ବତନ ଚେୟାରମ୍ୟାନ ଇନା ପୁରୋହିତ ଯୋଗଦେଇ ସାମାଜିକସ୍ତରରେ ପୁରୁଷ ଯଦି ବାହ୍ୟଚକ୍ର ତେବେ ନାରୀ ହେଉଛି ଅନ୍ତଃଚକ୍ର। ଉଭୟ ଚକ୍ରର ସମନ୍ୱୟ ରହିଲେ ସମାଜ ଗତିଶୀଳ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ପାଦକ ମଧୁସ୍ମିତା ତ୍ରିପାଠୀ ଯୋଗଦେଇ କାର୍ଯ୍ୟ ବିଷୟରେ ବୁଝାଇଥିଲେ। ଏହି ଅବସରରେ ନୂତନ ସଭାପତି ଭାବେ ଦୀପ୍ତିବାଳା ମିଶ୍ର ଓ ନୂତନ ସମ୍ପାଦକ ଭାବେ ବିଶ୍ୱଭାରତୀ ରଥ ଦାୟିତ୍ୱ ଗ୍ରହଣ କରିଥିଲେ। ପୂର୍ବତନ ସଭାପତି ପ୍ରିୟତମା ମିଶ୍ର ଓ ସମ୍ପାଦକ ମନୋଜ ମଞ୍ଜରୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅତିଥିମାନଙ୍କ ଦ୍ୱାରା ସେ ନୋ ଟୁ ପ୍ଲାଷ୍ଟିକ ପ୍ରୋଜେକ୍ଟ ଉନ୍ମୋଚିତ ହୋଇଥିଲା। ଏଥିସହ ମେଧାବୀ ଛାତ୍ରୀ ବିଜୟଲକ୍ଷ୍ମୀ ବିଶ୍ୱାଳଙ୍କୁ ଆଗକୁ ପାଠ ପଢ଼ିବା ପାଇଁ ଅର୍ଥ ରାଶି ସହାୟତା ଦିଆଯାଇଥିଲା। ପୁଷ୍ପାରାଣୀ ମିଶ୍ର ସଭା ପରିଚାଳନା କରିଥିବାବେଳେ ତିଳୋତ୍ତମା ଚୌଧୁରୀ, ସ୍ୱପ୍ନ ଅଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। ବିଶ୍ୱଭାରତୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

# କୋଭିଡ୍, ଝାଡ଼ାବାନ୍ତି ପାଇଁ ସତର୍କ ରୁହ

**ଢେଙ୍କାନାଳ ଅଫିସ,୧୮।୭**

### କୋଭିଡ୍ ପରିଚାଳନା ଓ ଉନ୍ନୟନମୂଳକ ସମୀକ୍ଷା

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ଭିଡିଓ କନଫରେନ୍ସିଂ ହଲରେ ସୋମବାର ଜିଲାର କୋଭିଡ ପରିଚାଳନା ଓ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ଘଟୁଥିବାରୁ ମାସ୍କ ପରିଧାନକୁ ଗୁରୁତ୍ୱ ଦେବା ସହ ଜନଗହଳି ଠାରୁ ଦୂରେଇ ରହିବା ଓ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ସରୋଜ କୁମାର ସେଠୀ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସମସ୍ତ ସ୍କୁଲ, କଲେଜ ପିଲା ମାସ୍କ ପରିଧାନ କରି ଆସିବା ଓ ସେମାନଙ୍କ ଟିକାକରଣ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣ ଓ ବର୍ଷାଦିନେ ଦୁର୍ଗମ ଅଞ୍ଚଳରେ ଝାଡାବାନ୍ତି ପ୍ରତି ସତର୍କ ରହିବାକୁ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅବହେଳା ନ କରି ସାପ କାମୁଡା ବ୍ୟକ୍ତିଙ୍କ ଉଚିତ ଚିକିତ୍ସା ନିମନ୍ତେ ତୁରନ୍ତ ଡାକ୍ତରଙ୍କ




କୋଭିଡ୍ ପରିଚାଳନା ଓ ଉନ୍ନୟନମୂଳକ ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

ପରାମର୍ଶ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। କୋଭିଡ ସଂକ୍ରମଣ, ଝାଡାବାନ୍ତି ଓ ସାପ କାମୁଡାର ଠିକ୍ ଚିକିତ୍ସା ନିମନ୍ତେ ଜନସାଧାରଣଙ୍କୁ ମାଇକ ଦ୍ୱାରା ସଚେତନ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି। ବର୍ଷା ଋତୁରେ ବିଶୁଦ୍ଧ ପାନୀୟଜଳ, ସତେଜ ଖାଦ୍ୟ ଗ୍ରହଣ ଉପରେ ଯତ୍ନଶୀଳ ହେବାକୁ କୁହାଯାଇଛି। ସ୍କୁଲ ସେଫ୍ଟି ଦଳ ଦ୍ୱାରା ଜିଲାର ସମସ୍ତ ସମସ୍ତ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରର ବିଲ୍ଡିଂ ଅବସ୍ଥା ଅନୁଧ୍ୟାନ କରି ରିପୋର୍ଟ ଦେବାକୁ କୁହାଯାଇଛି। ଜିଲାର ସମସ୍ତ ୫-ଟିଅଧୀନ ସ୍କୁଲର ରକ୍ଷଣାବେକ୍ଷଣ ଓ ଉପକରଣର ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ପାଇଁ କୁହାଯାଇଛି। ସ୍ୱେଶାର ଡ୍ରାଇଭ ଜରିଆରେ ଫ୍ରି ବୁଷ୍ଟର ଡୋଜ୍ ପ୍ରଦାନ କରିବା ପାଇଁ ପରାମର୍ଶ ଦିଆଯାଇଛି। କୋଭିଡ ସଂକ୍ରମଣ ବୃଦ୍ଧି ଘଟୁଥିବାରୁ ସ୍କୁଲ, କଲେଜ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକାକରଣ କରାଯାଉଛି। କୋଭିଡ୍ ଲକ୍ଷଣଯୁକ୍ତ ପିଲାଙ୍କୁ ସ୍କୁଲ ନ ଆସିବାକୁ ପରାମର୍ଶ ଦିଆଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ ସୂଚନା ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଢେଙ୍କାନାଳ ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଆପାତକାଳୀନ ଅଧିକାରୀ ସ୍ନିଗ୍ଧାଛାୟା ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଭୂମିହୀନଙ୍କୁ ଜମି ପଟ୍ଟା ଯୋଗାଇ ଦେବା ପାଇଁ ଅନୁଗୋଳ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ନୂଆମୋଲ୍ଲା ପଞ୍ଚାୟତ ସିରିରା ସାହିର ବାସିନ୍ଦା କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇଛନ୍ତି।

# ବନ୍ୟପ୍ରାଣୀ ଶିକାର ପାଇଁ ତାର ବିଛାଇ ଜଣେ ଗିରଫ

**କଣିହାଁ,୧୮।୭(ଡି.ଏନ୍.ଏ.)**

ବନ୍ୟପ୍ରାଣୀ ଶିକାର ପାଇଁ ତାର ବିଛାଇବା ଅଭିଯୋଗରେ ସୋମବାର କଣିହାଁ ବନବିଭାଗ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବନାଞ୍ଚଳ ଅଧିକାରୀ ନିଳମଣୀ ଦେହୁରୀ କହିଛନ୍ତି, ଗତ ୧୫ ତାରିଖରେ ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଇଣ୍ଡା ଗ୍ରାମର ବାଙ୍ଖୁଲି ନଦୀ କୂଳ ଖସଡ଼ା ଜଙ୍ଗଲରେ ବନ୍ୟଜନ୍ତୁ ଶିକାର ପାଇଁ ୧୧ କେଭି ବିଦ୍ୟୁତ୍ ଲାଇନରେ ହୁକ ପକାଇ ତାର ବିଛାଯାଇଥିବା ଖବର ମିଳିଥିଲା। ବନାଞ୍ଚଳ ଟିମ୍ ଚଢାଉ କରି ଘଟଣାସ୍ଥଳରୁ ୨ କେଜି ଟଣାଯାଇଥିବା ଜିଆଇ ତାର ଜବତ କରାଯାଇଥିଲା। ଏଥିରେ ୪ ଜଣ ଯୁବକ ସମ୍ପୃକ୍ତିକୁ ନେଇ ବନ୍ୟପ୍ରାଣୀ ଆକ୍ଟରେ ମାମଲା ରୁଜୁ ହୋଇଥିଲା। ତଦନ୍ତକୁ ନେଇ ସୋମବାର ବଇଣ୍ଡା ଗ୍ରାମର ଯୁବକ ରଞ୍ଜିତ ପ୍ରଧାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଅନ୍ୟ ୩ ଜଣ ଯୁବକ ଫେରାର ଅଛନ୍ତି। ଚଢାଉରେ ଫରେଷ୍ଟର ସନ୍ତୋଷ ନାଏକ, ଫରେଷ୍ଟଗାର୍ଡ ଦୀପକ ସାହୁ ସାମିଲ ଥିଲେ।



ବନାଞ୍ଚଳ କର୍ମଚାରୀମାନେ ଅଭିଯୁକ୍ତଙ୍କୁ ହାଜର କରାଇଛନ୍ତି।

## ସଂକ୍ଷେପରେ

### ଯୁବତୀଙ୍କୁ ଅସଦାଚରଣ ଅଭିଯୋଗ

ଛେଣ୍ଡିପଦା,୧୮।୭(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳର ୨ଜଣ ଯୁବତୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ସୋମବାର ଦୁଇ ଯୁବତୀ ଶୌଚ ହେବାକୁ ପାଇଁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ବୁଲୁ ନାଏକ ସେମାନଙ୍କୁ ଅସଦାଚରଣ କରିଥିଲେ। ଘଟଣାକୁ ନେଇ ଯୁବତୀଙ୍କ ପରିବାରର ଲୋକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୩୪୪/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ମିଠା ଦୋକାନରୁ ମୋବାଇଲ ଲୁଟ୍

ଅନୁଗୋଳ ଅଫିସ, ୧୮।୭- ଅନୁଗୋଳ ସହରର ସଞ୍ଜୀବନୀ ବଜାରରେ ଥିବା ଏକ ମିଠା ଦୋକାନରେ ଛିଡ଼ା ହୋଇଥିବା ଜଣେ ବ୍ୟକ୍ତିଙ୍କଠାରୁ ଦୁର୍ବୃତ୍ତ ମୋବାଇଲ ଲୁଟି ନେଇଛନ୍ତି। ଲୁଟ୍‌ର ଚିତ୍ର ସିସିଟିଭିରେ କଏଦ ହୋଇଛି। ସୂଚନା ମୁତାବକ, ଉକ୍ତ ମିଠା ଦୋକାନରେ ଜଣେ ବ୍ୟକ୍ତି ଛିଡ଼ା ହୋଇଥିଲେ। ଏହାପରେ ସେଠାକୁ ଦୁର୍ବୃତ୍ତ ଜଣଙ୍କ ହାତରେ ଏକ ବ୍ୟାଗ ଧରି ଆସିଥିଲେ। ଏପରି କି ସମ୍ପୃକ୍ତ ଦୁର୍ବୃତ୍ତ ନିଜ ଛାତି ପାଖକୁ ବ୍ୟାଗ ଉଠାଇ ଠିଆ ହୋଇଥିବା ବ୍ୟକ୍ତିଙ୍କ ପକେଟ୍‌ରୁ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ମୋବାଇଲ ନ ମିଳିବାରୁ ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ମୋବାଇଲ ଚୋରି ହୋଇଥିବା ଜଣାପଡ଼ିଥିଲା।

### ମା' ପୁଅଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୧୮।୭(ଡି.ଏନ୍.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା କୁଆଝରି ଗ୍ରାମର କଇତ ସାହୁ ଓ ତାଙ୍କ ପୁଅ ଜଗା ସାହୁଙ୍କୁ ସେହି ଗ୍ରାମର ରବି ସାହୁ ମାଡ଼ ମାରିଥିବା ସୋମବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ପୂର୍ବଶତ୍ରୁତାକୁ ନେଇ ଜଗା ଓ ରବିଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିବାବେଳେ କଇତି ଏହାର ପ୍ରତିବାଦ କରିଥିଲେ। ହେଲେ ଏଥିରେ ରବି ଉତ୍କ୍ଷିପ୍ତ ହୋଇ ଉଭୟ ମା' ପୁଅଙ୍କୁ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୋଲିସ ନମ୍ବର ୧୮୪/୨୨ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଅବକାରୀ ଚଢାଉ, ୨ ଗିରଫ

ବଇଣ୍ଡା,୧୮।୭(ଡି.ଏନ୍.ଏ.)- ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ସୋମବାର ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମରେ ଚଢାଉ କରାଯାଇ ପୁଟି ପ୍ରଧାନଙ୍କ ଘରୁ ୧୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେହିପରି ଅଶ୍ୱବାହାଳ ଗ୍ରାମରେ ଚଢାଉ କରି କିଶୋରୀ ମାଝୀଙ୍କ ଘରୁ ୩୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଳବୀର ଗଡନାୟକ ପ୍ରମୁଖ ଚଢାଉ କରିଥିଲେ। ଉଭୟଙ୍କୁ ଗିରଫ କରାଯାଇଛି।

### ମହିଳାଙ୍କୁ ଆକ୍ରମଣ, ଜଣେ ଗିରଫ

ବଇଣ୍ଡା,୧୮।୭(ଡି.ଏନ୍.ଏ.)- କିଶୋରନଗର ଥାନା ବାଲିଜେରେଙ୍ଗ ଗ୍ରାମର ଚମ୍ପାବତୀ ପ୍ରଧାନଙ୍କୁ ସେହି ଗ୍ରାମର ରବୀନ୍ଦ୍ର କୁମାର ପ୍ରଧାନ ଏକ କୋଡିରେ ଆକ୍ରମଣ କରିଥିବା ରବିବାର କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୧୨୧/୨୨ରେ ଏକ ମାମଲା ରୁଜୁ କରି ରବୀନ୍ଦ୍ରଙ୍କୁ ସୋମବାର ଗିରଫ କରି ଆଠମଲ୍ଲିକ କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ଚମ୍ପାବତୀ ନିକଟସ୍ଥ ଅଞ୍ଚଳକୁ ଛତୁ ସଂଗ୍ରହ କରିବା ପାଇଁ ଯାଇଥିବାବେଳେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ତାଙ୍କୁ ଏକ କୋଡିରେ ମାଡ଼ ମାରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

# ପଞ୍ଚଲିଙ୍ଗେଶ୍ୱରରେ କାଉଡ଼ିଆଙ୍କ ଜଳାଭିଷେକ



ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ କାଉଡ଼ିଆଙ୍କ ଲମ୍ବା ଧାଡ଼ି।

**ନୀଳଗିରି, ୧୮।୭(ସ୍ୱ.ପ୍ର.)**

ଶ୍ରାବଣର ପ୍ରଥମ ସୋମବାର ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବାଲେଶ୍ୱର ଜିଲା ନୀଳଗିରି ନିକଟ ବାବା ପଞ୍ଚଲିଙ୍ଗେଶ୍ୱରଠାରେ ହଜାର ହଜାର କାଉଡିଆ ଜଳାଭିଷେକ କରିଛନ୍ତି। କୋଭିଡ୍ କଟକଣା ହଟିଥିବାରୁ ଚଳିତବର୍ଷ ରାଜ୍ୟ ତଥା ରାଜ୍ୟ ବାହାରୁ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ବୋଲବମ୍...ହର୍‌ହର୍ ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ ୨୬୩ଟି ପାହାଚ ଚଢ଼ି ମହାଦେବଙ୍କୁ ଜଳାଭିଷେକ କରି ପଥର ଖୋଲରେ ରହିଥିବା ବାବାଙ୍କୁ ସ୍ପର୍ଶ କରିବା ସହ ନିଜର ମନସ୍କାମନା ପୂରଣ ପାଇଁ ପଞ୍ଚଲିଙ୍ଗେଶ୍ୱର ପୀଠରେ ଜଳାଭିଷେକ କରିଥିଲେ। ଗହଳିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କାଉଡ଼ିଆଙ୍କ ନିମନ୍ତେ ଧାଡ଼ି ବ୍ୟବସ୍ଥା, ପିଇବା ପାଣି, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ୫୬ ଅଭିଯୋଗର ଶୁଣାଣି

**ଅନୁଗୋଳ ଅଫିସ, ୧୮।୭**

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ଠାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଦାଖଲ ହୋଇଥିବା ସମୁଦାୟ ୫୬ଟି ଅଭିଯୋଗରୁ ୪୯ଟି ବ୍ୟକ୍ତିଗତ ଓ ୭ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗ ରହିଥିଲା। ତୁରନ୍ତ ଉକ୍ତ ଅଭିଯୋଗର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ରେଡକ୍ରସ ପାଣ୍ଠିରୁ ଜଣକୁ ଏକ ହଜାର ଟଙ୍କା ଚିକିତ୍ସା ପାଇଁ ପ୍ରଦାନ କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଲ୍ୟାଣ୍ଡ ଡିମାରକେସନ୍, ଖଣି ବିସ୍ଥାପିତ ପରିବାରଙ୍କ ସମସ୍ୟା, ରାସ୍ତା, କାଳିଆ ଯୋଜନାର କାର୍ଯ୍ୟକାରିତା ଓ ରାଶନ କାର୍ଡ ସଂଶୋଧନ ଭଳି ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ, ଡେପୁଟି କଲେକ୍ଟର ସରିତା ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି, ଆସିଷ୍ଟାଣ୍ଟ କଲେକ୍ଟର ଅଜୟ ଗଡନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

# ନାବାଳିକା ଉଦ୍ଧାର, ୨ ଗିରଫ

**ବଇଣ୍ଡା,୧୮।୭(ଡି.ଏନ୍.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ୨ ନାବାଳିକାଙ୍କୁ ରବିବାର ଠାକୁରଗଡ଼ ପୋଲିସ ଗୋଆ ଅଞ୍ଚଳରୁ ଉଦ୍ଧାର କରିଛି। ଏହି ଅପହରଣ ମାମଲାରେ ଲିପୁନ ବାରିକଙ୍କ ସମେତ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ଠାକୁରଗଡ଼ ଅଞ୍ଚଳରୁ ଜଣେ ୧୭ ବର୍ଷୀୟା ଓ ଆଉ ଜଣେ ୧୬ ବର୍ଷୀୟ ନାବାଳିକାଙ୍କୁ ଅପହରଣ କରାଯାଇଥିଲା। ୨୫ ଅଗଷ୍ଟ ୨୦୨୧ ଓ ୧୦ ଜୁଲାଇ ୨୦୨୨ରେ ନାବାଳିକାଙ୍କୁ ଅପହରଣ କରି ନିଆଯାଇଥିଲା। ଏ ନେଇ ଉଭୟ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପରେ ଅନୁଗୋଳ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଠାକୁରଗଡ଼ ପୋଲିସର ଏକ ସତନ୍ତ୍ର ଟିମ୍ ଗୋଆ ଅଞ୍ଚଳରେ ଚଢାଉ କରି ୨ ଜଣ ନାବାଳିକାଙ୍କୁ ଉଦ୍ଧାର କରିଛି।

# ଅନୁଗୋଳର ଇତିହାସ ଓ ସଂସ୍କୃତି ପୁସ୍ତକ ଉନ୍ମୋଚିତ



**ଅନୁଗୋଳ ଅଫିସ, ୧୮।୭**

ଅନୁଗୋଳ ରୋଟାରୀ ପବ୍ଲିକ୍ ସ୍କୁଲଠାରେ ପ୍ରଧାପକ କୁମୁଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ସୋମବାର ଅନୁଗୋଳ ଜିଲା ସାହିତ୍ୟ ସଂସଦର ଏକ ପୁସ୍ତକ ଉନ୍ମୋଚନ ହେବାସହ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କ୍ରୀଷ୍ଣା ମହାନ୍ତି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ତପନ କୁମାର ଶତପଥୀ ଯୋଗଦେଇ ଡ. ରାମଞ୍ଜରୀ ସାହୁ ଏବଂ ନଗେନ୍ଦ୍ର ନାଥ ଦାସଙ୍କ ଦ୍ୱାରା ଲିଖିତ ପୁସ୍ତକ ଅନୁଗୋଳର ଇତିହାସ ଓ ସଂସ୍କୃତି ଉନ୍ମୋଚିତ କରିଥିଲେ। ଆସନ୍ତା ଦିନମାନଙ୍କରେ ଏହି ପୁସ୍ତକ ଗବେଷକମାନଙ୍କ ପାଇଁ ଉପାଦେୟ ପୁସ୍ତକ ହୋଇରହିବ ବୋଲି ତପନ କୁମାର ମତପ୍ରକାଶ କରିଥିଲେ। ପ୍ରଧାପକ ଶାନ୍ତନୁ କୁମାର ସର ଅତିଥି ପ୍ରଦାନ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରାଧାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ପ୍ରଦୀପ ଦାଶଙ୍କ ସଂଯୋଜନାରେ ଡ. ଭବାନୀ ମିଶ୍ର, ଗାୟତ୍ରୀ ଦାସ, ଅସିତ ପଟ୍ଟନାୟକ, ଅକ୍ଷୟ ବେହେରା, ଅକ୍ଷୟ ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ଡ଼ ଦଧିବାମନ ପ୍ରଧାନ ଶେଷରେ ଧନ୍ୟବାଦ ଦେଇଥିଲେ।

# ଗାଡିଆରେ ବୁଡ଼ି ଶିଶୁପୁତ୍ର ମୃତ

**ପାଲଲହଡା,୧୮।୭(ଡି.ଏନ୍.ଏ.)**

ପାଲଲହଡା ଥାନା ବାଲିପଶି ପଞ୍ଚାୟତ ବାଲିପଶି କିଷାନସାହିରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଅଢେଇ ବର୍ଷର ଶିଶୁପୁତ୍ର ଘର ପାଖରେ ଖେଳୁଥିବା ସମୟରେ ଗାଡିଆରେ ଖସିପଡି ମୃତ୍ୟୁବରଣ କରିଛି। ସୂଚନା ଅନୁଯାୟୀ, ପୂର୍ବାହ୍ନରେ ବାଲିପଶି କିଷାନ ସାହିର ସ୍ୱାମୀ କାର୍ତ୍ତିକ କିସାନ ଓ ସ୍ତ୍ରୀ ଭବାନୀ କିସାନ ଉଭୟେ ଜମିରେ ଧାନ ରୁଆ ଚାଲିଥିବାରୁ ବିଲକୁ ଯାଇଥିଲେ। ତାଙ୍କ ଅଢେଇ ବର୍ଷର ପୁଅ ଜିତେନ୍ଦ୍ରକୁ ଘରେ ଅଜା ପାଖରେ ଛାଡି ଯାଇଥିଲେ। ତେବେ ଶିଶୁଟି ଅଜାଙ୍କ ଅଜାଣତରେ ଘର ପାଖରେ ଥିବା ଏକ ଗାଡିଆରେ ବୁଡ଼ିଯାଇଥିଲା। ଦୀର୍ଘସମୟ ଧରି ଜିତେନ୍ଦ୍ରଙ୍କୁ ନ ପାଇ ପରିବାର ଲୋକ ଏବଂ ଗ୍ରାମବାସୀ ବହୁ ଖୋଜାଖୋଜି ପରେ ସନ୍ଦେହରେ ଗାଡ଼ିଆ ଭିତରେ ଖୋଜିଥିଲେ। ଶେଷରେ ତାଙ୍କୁ ଉଦ୍ଧାର କରି ପାଲଲହଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପାଲଲହଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# କ୍ଷତିପୂରଣ ଦାବିରେ ଚାଷୀଙ୍କ ଅନଶନ



**ଭଦ୍ରକ ଅଫିସ,୧୮।୭**

### ନିମ୍ନମାନର ବିହନ ଯୋଗୁ ଅମଳ କମିଲା

ନିମ୍ନମାନର ଧାନ ବିହନ ଯୋଗୁ ଚଳିତ ରବି ଋତୁରେ ଭଲ ଅମଳ ହେଲା ନାହିଁ। ବିହନ ବିତରଣ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବିରେ ଚାଷୀମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। ତିହିଡ଼ି ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତ ହଂସପାଟ ଗ୍ରାମର ଏହି ଚାଷୀମାନେ ଅଭିଯୋଗ କରିଛନ୍ତି, ୩୦ ଏକର ଜମିରେ ରବି ଧାନ ଚାଷ କରିଥିଲେ। ଏକ କମ୍ପାନୀରୁ ବିହନ ଆଣି ଧାନ ଚାଷ କରିଥିବା ବେଳେ ନିମ୍ନମାନର ବିହନ ଯୋଗୁ ଭଲ ଅମଳ ଆସିଲା ନାହିଁ। ଚାଷୀ ହୃଷିକେଶ ପଣ୍ଡା, ପ୍ରଶାନ୍ତ ନାୟକ, ସୁଶାନ୍ତ ନାୟକ ଓ ନାରଣ ଜେନା ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଆମରଣ ଅନଶନରେ ବସିଛନ୍ତି। ଲଘୁଚାପ ବର୍ଷା ଲାଗି ରହିଥିବା ବେଳେ ଏହି ଚାଷୀମାନେ ରେନ୍‌କୋଟ୍ ପିନ୍ଧି ଅନଶନରେ ବସିଛନ୍ତି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଚାଲିଥିଲା। ଅଧିକାରୀମାନେ ଏହି ଜନଶୁଣାଣିରେ ଉପସ୍ଥିତ ଥିବାବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା ଅନଶନସ୍ଥଳକୁ କେହି ଆସି ନ ଥିବା ସେମାନେ ପ୍ରକାଶ କରିଛନ୍ତି।

# ଯୋଡ଼ା ସତସଙ୍ଗ ବିହାରରେ ମାତୃ ସମ୍ମିଳନୀ



**ଯୋଡ଼ା, ୧୮।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସତସଙ୍ଗ ବିହାର ଆନୁକୂଲ୍ୟରେ ପରମ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସହ ଧର୍ମିଣୀ ତଥା ସତସଙ୍ଗ ଜଗତର ଜଗତ୍‌ଜନନୀ ଭାବେ ଚିରପୂଜିତ ଶ୍ରୀ ଶ୍ରୀ ବଡ ମା'ଙ୍କ ଶ୍ରାବଣ ପରିକ୍ରମା ମାତୃ ସମ୍ମିଳନୀ ଶୁଭାରମ୍ଭ ହୋଇଯାଇଛି। ରବିବାର ଅଧିବାସ ଦିବସରେ ସସ୍ମିତା ପାଣିଗ୍ରାହୀ ଓ ସନ୍ଦୀପା ପଟ୍ଟନାୟକ ମାତୃସମ୍ମିଳନୀ ଆୟୋଜନ କରିଥିବା ବେଳେ ମା' ରଞ୍ଜିତା ବାରିକ ଅଧ୍ୟକ୍ଷତା କରିଥିଲେ। ଅପରାହ୍ନ ୪ଟାରେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମ ମଧ୍ୟରେ ପ୍ରଥମେ ଶଙ୍ଖଧ୍ୱନି ସହ ପ୍ରାର୍ଥନା, ନାରୀର ନୀତି ସଦଗ୍ରନ୍ଥ ପଠନ, ପାଞ୍ଚାଳୀ ଗାନ ସମେତ ଭଜନ ଓ କୀର୍ତ୍ତନ କରାଯାଇଥିଲା। ରୀନା ପରିଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପୂର୍ଣ୍ଣିମା ସିଂହ ଓ ସତ୍‌ସଙ୍ଗରେ ଅଧ୍ୟକ୍ଷତା କରୁଥିବା ରଞ୍ଜିତା ନାରୀର ବୈଶିଷ୍ଟ୍ୟତାକୁ ନେଇ ଆଲୋଚନା କରିଥିଲେ। ତେବେ ମାତୃସମ୍ମିଳନୀ କାର୍ଯ୍ୟକ୍ରମରେ ଶତାଧିକ ମା' ସାମିଲ ହୋଇଥିଲେ। ଏହି ସମ୍ମିଳନୀ ମାସବ୍ୟାପି ଚାଲୁ ରହିବ ବୋଲି ଯୋଡ଼ା ସତସଙ୍ଗ ବିହାର ପକ୍ଷରୁ ସୂଚନା ମିଳିଛି।

# ୪ ଘଣ୍ଟା ଯାତାୟାତ ବାଧାପ୍ରାପ୍ତ

### ରାଜପଥରେ ଅଟକିଲା ଭାରିଯାନ

**ଛେଣ୍ଡିପଦା,୧୮।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଦେଇ ଯାଇଥିବା ଦେବଗଡ଼-ଅନୁଗୋଳ ୬୩ନଂ ରାଜ୍ୟ ରାଜପଥର କୋଶଳା ଗ୍ରାମ ଶିମିଳିସାହି ଠାରେ ସୋମବାର ଭୋର ୪ଟାରୁ ରାସ୍ତା ଉପରେ ୪ଟି ଭାରିଯାନ ଅଟକି ଯିବାରୁ ଦିନ ୮ଟା ପର୍ଯ୍ୟନ୍ତ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ୪ଟି ଟ୍ରେଲରରେ ବଡ ବଡ ଯନ୍ତ୍ରାଂଶ ନିକଟସ୍ଥ ଏକ ଘରୋଇ କମ୍ପାନୀକୁ ଯାଉଥିବାବେଳେ ଶିମିଳିସାହିଠାରେ ବିଦ୍ୟୁତ୍ ତାର ଛିଣ୍ଡି ଯିବାରୁ ଉକ୍ତ ଭାରିଯାନ ଗୁଡିକ ରାସ୍ତା ଉପରେ ଅଟକି ରହିଥିଲ। ଯନ୍ତ୍ରାଂଶଗୁଡିକ ବହୁତ ବଡ ହୋଇଥିବାରୁ ରାସ୍ତର ଦୁଇ ପାର୍ଶ୍ୱକୁ ଅବରୋଧ କରି ରହିଥିବା ଭାରିଯାନ ପାର୍ଶ୍ୱରେ କେବଳ ବାଇକ୍ ଓ ପଥଚାରୀ ଯାତାୟାତ କରିପାରିଥିବାବେଳେ ଅନ୍ୟ ସମସ୍ତ ଯାନବାହନ ଦୁଇ ପାର୍ଶ୍ୱରେ ଅଟକି ରହିଥିଲା। ଏପରିକି ଯାତ୍ରୀବାହୀ ବସଗୁଡିକ ମଧ୍ୟ ଅଟକି ରହିବାରୁ ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଭାରୀଯାନ ପାଇଁ ଦୀର୍ଘ ୪ଘଣ୍ଟା ରାସ୍ତା ଜାମ ହୋଇଥିବାବେଳେ ଛେଣ୍ଡିପଦା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ ଯାମ ହଟାଇବା ପରେ ଉଭୟ ପାର୍ଶ୍ୱରେ ଅଟକିଥିବା ଗାଡି ଗୁଡିକର ଯାତାୟତ ସ୍ୱାଭାବିକ ହୋଇଥିଲା।



ରାଜପଥରେ ଅଟଥିବା ଭାରିଯାନ।

